# ଦାବି ଶୁଣିଲନି, ନୂଆ ଜିଲା ଦିଅ

## ସଂକ୍ଷେପରେ

### ରାତିକରେ ୨ ଭାଇଙ୍କ ଘରୁ ଚୋରି

ରସୁଲପୁର,୨୭।୪(ଡି.ଏନ.ଏ.): କୁଆଖିଆ ଥାନା ଭୋଟକା ପଞ୍ଚାୟତ ଅରଡ଼ା ଗ୍ରାମର ଧନେଶ୍ୱର ମହାନ୍ତି ଓ ତାଙ୍କ ଭାଇ ଜୟଶ୍ୱର ମହାନ୍ତିଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଉଭୟ ପରିବାର ଘରୁ ଟଙ୍କା, ସୁନା ଅଳଙ୍କାର ଆଦି ସମସ୍ତ ଆସବାସପତ୍ର ଚୋରି କରିନେଇ କଳାକନା ବୁଲାଇ ଦେଇଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଅନୁଧାନ ଜାରି ରହିଛି। ଗୁରୁବାର ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ କରାଯାଇଛି। କୁକୁର ଠୋସ୍ ସୁରାକ ଠାବ କରିବାରେ ବିଫଳ ହୋଇଛି। ଚୋରିରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେବ ବୋଲି କୁହାଯାଉଛି। ଧନେଶ୍ୱର ଓ ଜୟଶ୍ୱର ପରିବାର ଶୋଇପଡ଼ିବା ପରେ ସେମାନଙ୍କ ଘରେ ଦୁର୍ବୃତ୍ତ ପଶି ଯାଇଥିଲେ। ଧନେଶ୍ୱରଙ୍କ ଘରେ ଥିବା ଏକ ବାକ୍ସରୁ ୨୫ ହଜାର ଟଙ୍କା, ୪ ଗ୍ରାମ ଓଜନର ସୁନା ମୁଦି, ୭ ଖଣ୍ଡ ନୂଆ ଶାଢ଼ି, ୨ ହଳ ଧୋତି ସହ ଏକ ଏୟାର ବ୍ୟାଗକୁ ନେଇ ଯାଇଥିଲେ। ଉକ୍ତ ବ୍ୟାଗ୍ ଓ ଟ୍ରଙ୍କରେ ଥିବା ସାମଗ୍ରୀଗୁଡିକୁ ନେଇ ଯିବା ପରେ ଘର ପଛପଟ ବିଲରେ ବ୍ୟାଗ୍ ଏବଂ ଟ୍ରଙ୍କ ଫୋପାଡି ଦେଇଥିଲେ। ସେହିପରି ଜୟଶ୍ୱରଙ୍କ ଘରୁ ୪ ଟ୍ରଙ୍କ, ଗୋଟିଏ ଆଟାଚ୍ ଚୋରି କରିଥିଲେ। ସେଥିରେ ଥିବା ସମସ୍ତ ଲୁଗାପଟା ସହ ବାକ୍ସରେ ଥିବା ୨୦ ହଜାର ଟଙ୍କା, ୪ ସୁନା ମୁଦି, ୨ହଳ ଶଙ୍ଖା, ୨ ହଳ ମଙ୍ଗଳସୂତ୍ର, ଗୋଟିଏ ଲେନେଭୋ ମୋବାଇଲ ଫୋନ ଓ ଷ୍ଟିଲ ବାସନକୁସନ ନେଇ ଯାଇଛନ୍ତି। ଏହିଭଳି ଭାବରେ ଉଭୟ ପରିବାରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା, ଆସବାସପତ୍ର ଚୋରି କରିନେଇଛନ୍ତି। ଉଭୟ ପରିବାର ପକ୍ଷରୁ ଥାନାରେ ୨ଟି ଅଭିଯୋଗ ହୋଇଛି।

## ବ୍ୟାସନଗର ସହରବାସୀ ତେଜିଲେ

ଯାଜପୁର ଅଫିସ,୨୭।୪

ବ୍ୟାସନଗର ନାଗରିକ କମିଟି ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫ ଦଫା ଦାବି ନେଇ ବିଭିନ୍ନ ସମୟରେ ଆନ୍ଦୋଳନ, ବନ୍ଦ ଆଦି ପାଳନ କରାଯାଉଛି। ଏହି ଆନ୍ଦୋଳନକୁ ଜିଲାର ବହୁ ସଙ୍ଗଠନ ଏବଂ ରାଜନୈତିକ ଦଳଗୁଡିକ ପ୍ରତ୍ୟକ୍ଷ ସମର୍ଥନ କରି ଆସୁଛନ୍ତି। ଏପରି କି ଶାସକ ବିଜେଡିର କେତେଜଣ ବରିଷ୍ଠ ଓ ଯୁବ ନେତା ମଧ୍ୟ ପରୋକ୍ଷରେ ସମର୍ଥନ ଜଣାଇଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଆଲୋଚନା କିମ୍ବା ଦାବିଗୁଡ଼ିକର ସମାଧାନ କରିବାରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହିକ୍ରମରେ ଦାବିଗୁଡିକ ଶୁଣିଲନି, ଏବେ ସ୍ୱତନ୍ତ୍ର ଜିଲା ଦିଅ ବୋଲି ଅଞ୍ଚଳବାସୀଙ୍କ ସ୍ୱର ତେଜିବାରେ ଲାଗିଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ଏକ ସମସ୍ୟା ବହୁଳ ସହର । ହୋଲଡିଂ ଟିକସ ବୃଦ୍ଧି, ଜମିଜମା ବନ୍ଦୋବସ୍ତ, ରେଳବାଇ ଓଭରବ୍ରିଜ ଓ ୧୦୦ ଶଯ୍ୟା ବିଶିଷ୍ଟ ସ୍ପେଶିଆଲିଷ୍ଟ ହସ୍ପିଟାଲ ପାଇଁ କେତେ ଯେ ଆନ୍ଦୋଳନ ହେଉଛି ତାହାର ହିସାବ ନାହିଁ। କିନ୍ତୁ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ସ୍ୱତନ୍ତ୍ର ଜିଲା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ଯାଜପୁର ଜିଲାର ଲୋକସଂଖ୍ୟା ୧୮ ଲକ୍ଷ ୨୭ ହଜାର ୧୯୨ । ବର୍ତ୍ତମାନ ତାହା ପ୍ରାୟ ୨୨ ଲକ୍ଷରୁ ଅଧିକ ହେଲାଣି । ଏହାବାଦ୍ ଜିଲା ବିଭାଜନ ସମୟରେ କେନ୍ଦୁଝର ଜିଲା ପୂର୍ବବତ ରହିଛି। ଆନନ୍ଦପୁରଠାରୁ କେନ୍ଦୁଝରର ଦୂରତା ୮୦ କି.ମି.। ଆନନ୍ଦପୁର ବ୍ଲକ ସମେତ ଆନନ୍ଦପୁର ମ୍ୟୁନିସିପାଲିଟି, ହାଟଡିହି ଓ ଘସିପୁରା ବ୍ଲକ ଏବଂ ଯାଜପୁର ଜିଲାର କୋରେଇ ଓ ସୁକିନ୍ଦା ନିର୍ବାଚନ ମଣ୍ଡଳିର ପାଣିକୋଇଲି, ଯାଜପୁରରୋଡ, କୋରେଇ, ଯଖପୁରା, କଳିଙ୍ଗନଗର, ଟମକା, ସୁକିନ୍ଦା, କାଳିଆପାଣି ଆଦି ଥାନା ଅଞ୍ଚଳକୁ ନେଇ ଏକ ନୂତନ ଜିଲା ଗଠନ ପାଇଁ ପ୍ରସ୍ତାବ ରହିଛି। ଏହିସବୁ ଅଞ୍ଚଳର ଜନସଂଖ୍ୟା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ୨୦୧୧ ଜନଗଣନା ଅନୁଯାୟୀ ଅନୁଗୋଳ ଜିଲାର ଲୋକସଂଖ୍ୟା ୧୨,୭୩,୮୨୧, ନବରଙ୍ଗପୁର ଜିଲାର ୧୨,୨୦,୯୪୬, ଢେଙ୍କାନାଳ ଜିଲାର ୧୧,୯୨,୮୧୧ ଅନୁଯାୟୀ ୧୩ ଲକ୍ଷରୁ କମ ଲୋକସଂଖ୍ୟାରେ ଜିଲା ଗଠନ ହୋଇଛି। ତେଣୁ ପ୍ରଶାସନିକ ସୁବିଧା, ସର୍ବାଙ୍ଗୀନ ଉନ୍ନତି ତଥା ସାଧାରଣ ଲୋକଙ୍କ ସମୃଦ୍ଧି ପାଇଁ ଉପରୋକ୍ତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନ କରାଯାଉ ବୋଲି ଦାବି ଜୋର ଧରିଛି।

## ସେମାନେ ଯାହା କୁହନ୍ତି...

### ନୂଆ ଜିଲା ଏକମାତ୍ର ବିକଳ୍ପ



ବ୍ୟାସନଗରବାସୀଙ୍କ ଦୁଃଖ କହିଲେ ନ ସରେ । ଏଭଳି ଅବସ୍ଥାରେ ଯେଉଁ ଦାବି ସବୁ ଉପସ୍ଥାପନ କରାଯାଇଛି ସେଗୁଡିକୁ ସରକାର ଓ ପ୍ରଶାସନ ହେୟଜ୍ଞାନ କରୁଛନ୍ତି। ତେଣୁ ନୂତନ ଜିଲା ଗଠନ ହିଁ ଏକମାତ୍ର ବିକଳ୍ପ। ଯଦି ଧର୍ମଶାଳା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀ ଜନସାଧାରଣ ଚାହାନ୍ତି ତେବେ ସେମାନେ ପ୍ରସ୍ତାବିତ ବ୍ୟାସନଗର ଜିଲାକୁ ସମର୍ଥନ ଦେଇ ପାରିବେ। ସ୍କୁଲ, କଲେଜ ଛାତ୍ରୀଛାତ୍ର, ଅଫିସ, କଳକାରଖାନା, ଖଣିଖାଦାନ ଶ୍ରମିକ କର୍ମଚାରୀ, ଡାକ୍ତର, ଓକିଲ, ବୁଦ୍ଧିଜୀବୀ, କୃଷକ, ଶ୍ରମିକ, ଯୁବକ, ମହିଳା, ସାଧାରଣ ଜନଗଣ ସମସ୍ତେ ଏକାଠି ହୋଇ ଏକ ସ୍ୱରରେ ଦାବି କଲେ ନୂତନ ଜିଲା ମିଳିବା ଅସମ୍ଭବ ନୁହେଁ। ନିର୍ବାଚନ ବେଳେ ପଦ୍ମପୁରକୁ ସରକାର ଜିଲା ଘୋଷଣା କରିଦେଲେ। ତେଣୁ ବ୍ୟାସନଗରକୁ ମଧ ନୂତନ ଜିଲା ଗଠନ କଲେ କୌଣସି ଅସୁବିଧା ହେବ ନାହିଁ।

-ମାୟାଧର ନାୟକ, ବିଶିଷ୍ଟ ଶ୍ରମିକ ନେତା

### ବ୍ୟାସନଗର ସବୁକ୍ଷେତ୍ରରେ ପଛରେ ପଡ଼ିଛି



ଯାଜପୁର ଜିଲା ଗଠନ ପରେ ବ୍ୟାସନଗର ପାଇଛି କ'ଣ ? ହେଡକ୍ୱାର୍ଟର ନେଲେ, ମେଡିକାଲ କଲେଜ ନେଲେ। ଏବେ ମିନି ସଚିବାଳୟ ଆଳରେ ବ୍ୟାସନଗର ସହରଠାରୁ ଉଠାଜଳସେଚନ ବିଭାଗ, ଶ୍ରମ କାର୍ଯ୍ୟାଳୟ, ଶିଳ୍ପ ଅଫିସ, ଟ୍ୟାକ୍ସ ଆଦି ଅଫିସକୁ ସଦର ମହକୁମାକୁ ଉଠାଇ ନେବାକୁ ଚକ୍ରାନ୍ତ ହେଉଛି। ସହରବାସୀ ଧୂଳିଧୁଆଁରେ ଆଉଟୁପାଉଟୁ ହେଉଥିବାବେଳେ ୨୦୧୫ରୁ ଜିଲା ଖଣିଜ ପାଣ୍ଠି ହୋଇଥିଲେ ହେଁ ବ୍ୟାସନଗରକୁ ୨୦୨୧ରେ ସାମିଲ କରାଯାଇଛି । ତେବେ ଏହି ପାଣ୍ଠିରୁ ୬୪ କୋଟି ଟଙ୍କାରେ ବ୍ୟାସ ସରୋବର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଦଳୀୟ ଲୋକଙ୍କୁ ଲଗାଇ ଏନ୍‌ଜିଟି ଆଳରେ ବାଧା ଦିଆଯାଇଛି। ଦିନେ ସଦର ମହକୁମା ଦାବି କରୁଥିବା ବ୍ୟାସନଗର ଏବେ ସବ୍‌ଡିଭିଜନଟିଏ ହେବାକୁ ପଛରେ ପଡିଛି। ଜିଲାପାଳଙ୍କୁ ହାତ କରି ୫ ଅଙ୍ଗୁଳି ପାଟିରେ ପୁରାଉଛନ୍ତି। କୋରେଇ ସର୍ବଦା ଅବହେଳିତ। ନୂତନ କଳିଙ୍ଗନଗର ଜିଲା ଏହାର ଏକମାତ୍ର ସମାଧାନ।

-ଚନ୍ଦ୍ରଶେଖର ପଣ୍ଡା, ବରିଷ୍ଠ ଆଇନଜୀବୀ ।

### ଅର୍ଥନୈତିକ ଅବରୋଧ ପରେ ବି କେହି ଚେତିଲେ ନାହିଁ



ସହରର ସର୍ବାଙ୍ଗୀନ ବିକାଶ ପାଇଁ ବ୍ୟାସନଗର ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ୧୪ ଦିନ ଧରି ସମସ୍ତ ବର୍ଗର ଲୋକେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନକୁ ସହରର ସମସ୍ତ ବର୍ଗର ଲୋକେ ସମର୍ଥନ କଲେ ଓ ଅର୍ଥନୈତିକ ଅବରୋଧ ଶତ ପ୍ରତିଶତ ସଫଳ ହେଲା । ଏଥିରେ ବି ପ୍ରଶାସନର ସଦ୍‌ବୁଦ୍ଧି ଜାଗ୍ରତ ହେଲାନାହିଁ। କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଆସି ଆଲୋଚନା କଲେ ନାହିଁ । ସମସ୍ୟାଗୁଡିକର ସମାଧାନ କରିବା ପାଇଁ ପ୍ରଶାସନିକସ୍ତରରେ କୌଣସି ଉଦ୍ୟମ ହେଲାନାହିଁ । କଥାରେ ଅଛି ସିଧା ଆଙ୍ଗୁଠିରେ ଘିଅ ଉଠେ ନାହିଁ ଓ ପିଲା ନ କାନ୍ଦିଲେ ମା' କ୍ଷୀର ପିଆଏ ନାହିଁ । ଯାହା ମନେହୁଏ ବର୍ତ୍ତମାନ ପରିସ୍ଥିତିରେ ବ୍ୟାସନଗର ସହରର ସର୍ବାଙ୍ଗିନ ବିକାଶ ପାଇଁ ନୂତନ ଜିଲା ଗଠନ ଏକମାତ୍ର ବିକଳ୍ପ। ଦୁର୍ବାର ଆନ୍ଦୋଳନ କରି ଏକ ନୂତନ ଜିଲା ସୃଷ୍ଟି କରିବା ପାଇଁ ସମସ୍ତେ ଆଗେଇ ଆସନ୍ତୁ । ଏହି ବଡ଼ ଦାବି ହାସଲ କରିବା ପାଇଁ ଏବେ ନୁହେଁ ତ କେବେ ନୁହେଁ।

-ପ୍ରସନ୍ନ କୁମାର ସାହୁ, ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ

### ପ୍ରଶାସନିକ ଅବହେଳା ଦାୟୀ



ବହୁ ଦିନରୁ ଲୋକମାନେ ନିଜର ସମସ୍ୟାକୁ ନେଇ ଚିନ୍ତାରେ ଅଛନ୍ତି। ଏ ସଂକ୍ରାନ୍ତରେ ଏକାଧିକ ଥର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ଆନ୍ଦୋଳନ, ଧାରଣା ଓ ବନ୍ଦ ପାଳନ ହୋଇଛି । ତଥାପି ଜିଲା ପ୍ରଶାସନ ଏହାକୁ ହେୟଜ୍ଞାନ କରିଛି । ଶେଷରେ ଜିଲା ଦାବି ଉଠିଛି। ଏଥିପାଇଁ ପ୍ରଶାସନିକ ଅବହେଳା ହିଁ ଦାୟୀ । ଜନସଂଖ୍ୟା ବୃଦ୍ଧି ତଥା ଏସିଆର ବୃହତ୍ତମ ଲୌହନଗରୀ, ବ୍ୟାପକ ଖଣିଜ ସମ୍ପଦ ଭରା ଓ ବିଭିନ୍ନ ଦପ୍ତର, ରେଳ ଯୋଗାଯୋଗ, ଜାତୀୟ ରାଜପଥ ଆଦିର ଅବସ୍ଥିତି ହେତୁ ଆଧୁନିକ କଳିଙ୍ଗନଗରକୁ ଏକ ଜିଲାର ମାନ୍ୟତା ଦେବା ଆବଶ୍ୟକ। ଯାହା ଫଳରେ ସାଧାରଣ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚି ପାରିବ। ଏହି ଅଞ୍ଚଳର ଲୋକେ ଖୁସିରେ ରହି ପାରିବେ।

-ଦୁଷ୍ମନ୍ତ କୁମାର ନାୟକ, ଅବସରପ୍ରାପ୍ତ କଲେଜ ଅଧକ୍ଷ

### ଜିଲା ଗଠନ ପାଇଁ ଉପଯୁକ୍ତ ସମୟ ଆସିଛି



୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମୟରେ ରାଜ୍ୟରେ ମାତ୍ର ୫ଟି ଜିଲା ଥିଲା। ଏହା ପରେ ଜିଲା ସଂଖ୍ୟା ବୃଦ୍ଧି ପାଇ ୧୩ ଜିଲା ହେଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଜିଲା ପୁର୍ନଗଠନ ହୋଇ ୩୦ରେ ପହଞ୍ଚି ଥିଲା। ଫଳତଃ କଟକ ଜିଲାରୁ ଭାଗ ହୋଇ ଯାଜପୁର ସବ୍‌ଡିଭିଜନ ୧୯୯୩ ଏପ୍ରିଲ ୧ରେ ଏକ ନୂତନ ଜିଲାର ମାନ୍ୟତା ପାଇଲା। ଏବେ ସେଦିନର ସ୍ଥିତିରେ ବହୁ ପରିବର୍ତ୍ତନ ହୋଇଛି । କାମ ଧନ୍ଦା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବହୁ ଲୋକ କାମ ଅନ୍ୱେଷଣରେ ଆସୁଛନ୍ତି। ଫଳତଃ ବ୍ୟାସନଗର ପୌରାଞ୍ଚଳ ସମେତ କଳିଙ୍ଗନଗରର ମାନ ଯଥେଷ୍ଟ ବଢ଼ିଛି। ତେଣୁ କଳିଙ୍ଗନଗର ଜିଲା ଗଠନ ପାଇଁ ଏହା ଉପଯୁକ୍ତ ସମୟ ଆସିଛି । ଏଥିରେ ସମସ୍ତଙ୍କ ସହଯୋଗ ରହିବା ଆବଶ୍ୟକ ।

-ଦୁଷ୍ମନ୍ତ କୁମାର ରାଉତ, ସାମାଜିକ କର୍ମୀ

## ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ: ସିଓବିପି ଚାମ୍ପିୟନ

କାଳିଆପାଣି,୨୭।୪(ଡି.ଏନ.ଏ.):

ଓଡ଼ିଶା ଖଣି ନିଗମ କ୍ରୋମ୍ ଜୋନ ପକ୍ଷରୁ କାଳିଆପାଣି ଖଣି ଅଞ୍ଚଳରେ ଏକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟାଉନଶିପ୍ ମିନି ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଖଣିନିଗମ କାଳିଆପାଣି, ସୁକୁରଙ୍ଗୀ, ଦକ୍ଷିଣ କାଳିଆପାଣି ଖଣି ଓ ସିଓବିପି ୪ ଦଳ ଭାଗ ନେଇଥିଲେ। ଖଣି ନିଗମ ଆଞ୍ଚଳିକ ପରିଚାଳକ ଇଂ. ଆଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ଖେଳ ସିଓବିପି ଓ ଦକ୍ଷିଣ କାଳିଆପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ କାଳିଆପାଣି ୮ ଓଭରରେ ୮୬ ରନ ସଂଗ୍ରହ କରିଥିବା ବେଳେ ସିଓବିପି ୭ ଓଭରରେ ୮୭ ରନ କରି ଚମ୍ପିୟାନ ହୋଇଥିଲା। ଏସ୍‌ଆର୍‌ସିକେଏମ୍‌ଏସ୍‌ର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖଣି ପରିଚାଳକ ଇଂ. ଗଣେଶ୍ୱର ଭୂୟାଁ, ସତ୍ୟଶିବ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସର୍ବଶ୍ରୀ ପ୍ରଣୟ ପ୍ରଭଞ୍ଜନ ମହାପାତ୍ର, ଶାନ୍ତନୁ ଆଇଚ, ସମ୍ବିତ ପଣ୍ଡା ଓ ସିଦ୍ଧାନ୍ତ ଜେନା ପ୍ରମୁଖ ଖଣି ନିଗମର ବରିଷ୍ଠ ଅଧିକାରୀ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ଡ୍ରେନ୍ ସଫେଇରେ ଦୁର୍ନୀତି ଅଭିଯୋଗ

- ରାସ୍ତା ଉପରେ ଭାସୁଛି ଡ୍ରେନ୍ ପାଣି
- ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ବିଞ୍ଝାରପୁର,୨୭।୪(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅଧୀନ ସୟଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ଡ୍ରେନ୍ ସଫେଇରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୟଦପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିବଦ୍ଧତା ଅନୁଯାୟୀ ପଞ୍ଚାୟତର ବିଭିନ୍ନ ଡ୍ରେନ୍ ସଫେଇ ପାଇଁ ୨୦୨୨ ସେପ୍ଟେମ୍ବର ୩୦ରେ ପଞ୍ଚାୟତ ଅର୍ଥରୁ ୧ ଲକ୍ଷ ୭୬ ହଜାର ୪୦୦ ଟଙ୍କା ମଞ୍ଜୁର କରାଯାଇଥିଲା। ଭେଣ୍ଡର ଗୋରାଚାନ୍ଦ ଦାସଙ୍କ ଜରିଆରେ କନିଷ୍ଠ ଯନ୍ତ୍ରୀ ଶିଶିର ଶେଖର ନାୟକ ଓ ପିଇଓ ରାଜେଶ କୁମାର ଦାସଙ୍କ ଦ୍ୱାରା ଟଙ୍କା ଉଠାଣକରି ସରପଞ୍ଚ ଖର୍ଚ୍ଚ କରିଥିଲେ। ଅନ୍ୟପଟେ ପଞ୍ଚାୟତରେ ଥିବା ଡ୍ରେନ୍ ଆଦୌ ସଫେଇ ହୋଇ ନ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ସୟଦପୁର ପଞ୍ଚାୟତ ୧୧ ନମ୍ବର ୱାର୍ଡର ହୋସେନି ମହଲ୍ଲା ଏବଂ ସର୍ଦାରି ମହଲ୍ଲା କହିଛନ୍ତି, ରାସ୍ତା କଡ଼ରେ ଥିବା ଡ୍ରେନ୍



ରାସ୍ତାରେ ଡ୍ରେନ୍ ପାଣି ଭାସୁଛି ।

ଏବେ ଗ୍ରାମର ପ୍ରାୟ ୨୦୦ ପରିବାରଙ୍କ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୀର୍ଘଦିନ ଧରି ଡ୍ରେନ ପାଣିରେ ପୁରିରହିଛି। ନିଷ୍କାସନ ନ ହେବା କାରଣରୁ ଡ୍ରେନ ପାଣି ରାସ୍ତା ଉପରେ ଲହଡ଼ି ମାରୁଛି। କେବଳ ବଡ଼ ମଣିଷ ନୁହନ୍ତି ଛୋଟ ପିଲାମାନେ ମଧ୍ୟ ଅପରିଷ୍କାର ପାଣିରେ ପଶି ଯିବାଆସିବା କରୁଛନ୍ତି। ଅପରିଷ୍କାର ପାଣିରେ ଯିବାଆସିବା ଦ୍ୱାରା ବିଭିନ୍ନ ରୋଗ ହେଉଛି। ଏନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ତେବେ ଆଗାମୀ ଦିନରେ କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଜୁଲଫୁକାର ଅଲ୍ଲୀ ଖାନ, ସେକ୍ ଜଲାଲୁଦ୍ଦିନ, ସେକ୍ ରଫିଉଦ୍ଦିନ, ସେକ୍ ନସିରୁଦ୍ଦିନ, ସଲମା ବିବି, ମୁନେରା ବିବି ଓ ଅବୁବକର ଖାନଙ୍କ ସମେତ ବହୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସେକ୍ ମହମ୍ମଦ ସବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ୨ ବର୍ଷ ହେଲା ପଞ୍ଚାୟତରେ ଡ୍ରେନ୍ ସଫା କରାଯାଉଛି। ମାତ୍ର ସଚେତନତା ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ ଘରର ଟ୍ୟୁବ୍‌ୱେଲ ପାଣି ରାସ୍ତାରେ ଛାଡୁଥିବାରୁ ତାହା ଜମି ରହୁଛି। ଲୋକେ ସଚେତନ ହେଲେ ଏହି ସମସ୍ୟାର ସମାଧାନ ହେବ।

## ୩ ଚୋରା ଗଞ୍ଜେଇ ବେପାରୀ କୋର୍ଟଚାଲାଣ

ଚଣ୍ଡିଖୋଲ,୨୭।୪ (ଡି.ଏନ.ଏ.):

ଯାଜପୁର ଜିଲା ପୋଲିସ ମଙ୍ଗଳବାର ୫୩ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ବେଣାପୁର ନିକଟରେ ଚଢ଼ାଉ କରି କାବୁ କରିଥିବା ୩ ଚୋରା ଗଞ୍ଜେଇ ବେପାରୀଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ବରୀ ଥାନା ଇଶାଣପୁର ଗ୍ରାମର ବିଶ୍ୱଜିତ ସାମଲ ଓର୍‌ଫ ବଳିଆ, ଉକ୍ତ ଥାନା ଅନ୍ତର୍ଗତ ଅଭିମନ୍ୟୁ ବାଲିଆ ଗ୍ରାମର ରାଜେଶ କୁମାର ଜେନା ଓରଫ୍ ପାପୁନି, ଏବଂ ସେହି ଥାନା ନାଥପୁର ଗ୍ରାମର ନନ୍ଦନ ଗିରି।

ଚଣ୍ଡିଖୋଲ ପଟରୁ ୨ ବାଇକ୍‌ରେ ୩ ବ୍ୟକ୍ତି କେନ୍ଦ୍ରାପଡ଼ା ଅଞ୍ଚଳକୁ ଗଞ୍ଜେଇ ନେଇ ଯାଉଥିବା ଖବର ପାଇ ଏସ୍‌ପି ବିନୀତ ଅଗ୍ରୱାଲ ଜିଲା ପୋଲିସ ସ୍କ୍ୱାଡ୍‌କୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ମୁତାବକ ଜିଲା ମୁଖ୍ୟାଳୟର ଇନ୍ସପେକ୍ଟର ସମରଜିତ ନାୟକ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୨ ବାଇକ୍, ୩ ମୋବାଇଲ, ୩୩ କେଜି ଗଞ୍ଜେଇ ଏବଂ ୧ ହଜାର ଟଙ୍କା ଟଙ୍କା ଜବତ କରିଥିଲେ। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର କାର୍ଣ୍ଣିଙ୍କ ଏତଲା କ୍ରମେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ବଡ଼ଚଣା ଥାନାରେ ନଂ.୧୦୯/୨୩ରେ ଏକ ମାମଲା ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

## ସମଲିଙ୍ଗୀ ବିବାହକୁ ବିରୋଧ

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଯାଜପୁର ଟାଉନ,୨୭।୪(ଡି.ଏନ.ଏ.):

ଭାରତରେ ସମଲିଙ୍ଗୀ ବିବାହକୁ ବିରୋଧ କରି ନାରୀ ଜାଗରଣ ମଞ୍ଚ ରାଷ୍ଟ୍ରୀୟ ସେବିକା ସମିତି ଓ ଦୁର୍ଗା ବାହିନୀ ପକ୍ଷରୁ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତବର୍ଷ ଏକ ସଂସ୍କୃତି ସମ୍ପନ୍ନ ଓ ସର୍ବଧର୍ମ ଦେଶ ଭାବେ ସମଗ୍ର ବିଶ୍ୱରେ ପରିଚିତ। ଏହାର ସଂସ୍କୃତି ପରମ୍ପରା ସମ୍ପୂର୍ଣ୍ଣ ଅଲଗା। କିନ୍ତୁ ପାଶ୍ଚାତ୍ୟ ଦେଶର ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଭାରତରେ ସମଲିଙ୍ଗୀ ବିବାହ ପ୍ରଥା ପ୍ରଚଳନ ଦେଶ ପାଇଁ ଏକ କ୍ଷତିକାରକ। ସମଲିଙ୍ଗୀ ବିବାହ ଭାରତରେ ନ ଥିବାବେଳେ ଏହାକୁ ପ୍ରଚଳନ ଦେଶ ପାଇଁ କଳଙ୍କ ସଦୃଶ୍ୟ ବୋଲି ଅଭିଯୋଗ କରାଯାଇଛି। ସମଲିଙ୍ଗୀ ବିବାହ ପ୍ରଥା ପ୍ରଚଳନ ନ କରିବା ପାଇଁ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଦାବିପତ୍ରରେ ଅନୁରୋଧ କରାଯାଇଛି। ସମଲିଙ୍ଗୀ ବିବାହ ପରିବେଶ ଉପରେ କୁପ୍ରଭାବ ପକାଇବା ସହ ଏକ ସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରିବ। ଭାରତରେ ପୁରୁଷ ଓ ମହିଳା ମଧ୍ୟରେ ବିବାହର ପ୍ରଥା ରହିଥିବାବେଳେ ସମଲିଙ୍ଗୀ ବିବାହକୁ ଏଜାତି ଓ ଦେଶ ସ୍ୱୀକୃତି ପ୍ରଦାନ କରିନାହିଁ। ତେଣୁ ସମଲିଙ୍ଗୀ ବିବାହ ଆଇନ ପ୍ରଣୟନ କଲେ ଏ ଦେଶ ଓ ଜାତି ପାଇଁ କ୍ଷତି ସାଧନ କରିବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ନାରୀ ଜାଗରଣ ମଞ୍ଚ ରାଷ୍ଟ୍ରୀୟ ସେବିକା ସମିତି ଓ ଦୁର୍ଗା ବାହିନୀ ପକ୍ଷରୁ ଦୀପ୍ତିରେଖା ମିଶ୍ର, ଝରଣା ରାଣୀ ବେହେରା, ସସ୍ମିତା ଶତପଥୀ, ଅଭିଲିପ୍ସା ସାହୁ, ରାଜଲକ୍ଷ୍ମୀ ସାହୁ, ଭାଗ୍ୟଶ୍ରୀ ଓଝା, ମମତା ନାୟକ, ବବିସ୍ମିତା ସାହୁ, ତୃପ୍ତି ଦାସ, ଉର୍ବଶୀ ସେଠୀ, ମଧୁସ୍ମିତା ନାୟକ ଓ ରୀନା ପଣ୍ଡାଙ୍କ ସମେତ ଅନୁଷ୍ଠାନର ସଦସ୍ୟ ଜିଲାପାଳ ରାଠୋରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।




ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

## ମହ୍ଲାରଙ୍କ ଭାଗ୍ୟ ବଦଳୁନାହିଁ

- ମିଳୁନି ସରକାରୀ ସହାୟତା
- ଭୋକ, ଉପାସରେ ଦିନ କାଟୁଛନ୍ତି

କାଳିଆପାଣି,୨୭।୪(ଡି.ଏନ.ଏ.):

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ କାଳିଆପାଣି ଖଣି ଅଞ୍ଚଳ କଅଁସ ପଞ୍ଚାୟତ ବିଟସାହି ଉପରମୁଣ୍ଡ ବୁଢ଼ୁବୁଡିଆ ଜଙ୍ଗଲ କଡ଼ରେ ଚାଳଛପର, ଛିଣ୍ଡା ଜରିପାଲରେ ଝୁମ୍ପୁଡ଼ି କରି ବସବାସ କରୁଛନ୍ତି ମହ୍ଲାର ସମ୍ପ୍ରଦାୟ। ହେଲେ ସେମାନଙ୍କ ଭାଗ୍ୟ ବଦଳୁନାହିଁ। ସେମାନଙ୍କ ଅବସ୍ଥା ଅତି ଦୟନୀୟ ହୋଇପଡ଼ିଛି। ଝୁଣା, ମହୁ ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଜୀବନଜୀବିକା ନିର୍ବାହ କରୁଥିବା ଏହି ପ୍ରକୃତି ପ୍ରେମୀ ମହ୍ଲାର ଜନଜାତି ସମ୍ପ୍ରଦାୟ ଅତି ସରଳ, ନିରୀହ ଓ ନିଷ୍କପଟ ମଣିଷ ଭାବେ ବେଶ ଜଣାଶୁଣା। ସେମାନଙ୍କୁ ସୁକିନ୍ଦା ସୌରିକ ଅଞ୍ଚଳର ମୂଳଦାୟାଦ ଭାବେ କହିଲେ ଅତ୍ୟୁକ୍ତି ହେବନାହିଁ। ଖଣିପାଇଁ ଜୀବନଜୀବିକା ବଂଶଜ ସବୁ ଉଜୁଡ଼ିଯାଇଥିବାବେଳେ କେବଳ ଜଙ୍ଗଲକୁ ଭଲପାଇ ସେମାନେ ବଞ୍ଚି ରହିଛନ୍ତି। ଏବେ କେତୋଟି ହାତଗଣତି ମହ୍ଲାର ପରିବାର ରହିଛନ୍ତି। ଅନାହାର, ଅପପୁଷ୍ଟି ଓ ଦୁରାରୋଗ୍ୟବ୍ୟାଧିରେ ଶିକାର ହୋଇ ଏଜାତି ସୁକିନ୍ଦାରୁ ଲୋପ ପାଇବାରେ ଲାଗିଛି। ଖଣି ଆରମ୍ଭ ପୂର୍ବରୁ ଗାଁସୋଳ ପଞ୍ଚାୟତ (ଏବେର ଟାଟା ମୁଖ୍ୟ ଫାଟକ ସମ୍ମୁଖ)ରେ ୫୦ରୁ ଉର୍ଦ୍ଧ୍ୱ ପରିବାର ଘର କରି ଚଳି ଆସୁଥିଲେ। ଖଣିଜ ସମ୍ପଦ ଗଚ୍ଛିତ ଥିବା ସ୍ଥାନ ସର୍ବେକ୍ଷଣ ଓ ସଂସ୍ଥା ଚିହ୍ନଟବେଳେ ବିଭିନ୍ନ ରାଜ୍ୟରୁ ଅଣଓଡ଼ିଆ କର୍ମଚାରୀ ଅଞ୍ଚଳକୁ ଯେତେବେଳେ ଆସିଥିଲେ ସେତେବେଳେ ଘଞ୍ଚ ଜଙ୍ଗଲ ସହିତ ହିଂସ୍ର ଜନ୍ତୁଙ୍କର ଭୟ ରହିଥିଲା। ତେଣୁ ଜଙ୍ଗଲରେ ରହିବାର କୌଣସି ଭରସା ନ ଥିବାରୁ ସେମାନେ ମହ୍ଲାରଙ୍କ ବାସସ୍ଥାନ ସଂଲଗ୍ନରେ ତମ୍ବୁ ପକାଇ ରହି ଅଞ୍ଚଳରେ ଗଚ୍ଛିତ ଥିବା କ୍ରୋମାଇଟର ସନ୍ଧାନ କରିଥିଲେ। ସମୟ ପରିବର୍ତ୍ତନ ସହ ତାଙ୍କ ଜାଗାରେ ମାଙ୍କେଡ଼ିଆ ଏବେ ସ୍ଥାୟୀ ଅଧିବାସୀ। ଆଉ କିଛି ବାହାର ଅଞ୍ଚଳ ଲୋକଙ୍କ ଦ୍ୱାରା ଉକ୍ତ ସ୍ଥାନ ଜବରଦଖଲ ହୋଇଛି। ଏଠାରେ ସେମାନେ ଘର ନିର୍ମାଣ ସହ ସ୍ଥାୟୀ ଅଧିବାସୀଭାବେ ନିଜକୁ ସାବ୍ୟସ୍ତ କରୁଛନ୍ତି। ଟିଙ୍ଗୁଡ଼ିପାଳ ଓ କଅଁସଠାରେ ଏବେ ବଞ୍ଚି ରହିଥିବା ୨୦ରୁ୨୫ ପରିବାରଙ୍କ ଅବସ୍ଥା ଯେ, କେହି ନ ଦେଖିଲେ ବିଶ୍ୱାସ କରିପାରିବେ ନାହିଁ। ସେଥିରୁ କଅଁସଠାରେ ଥିବା ୮-୧୦ଟି ପରିବାରଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏଠାରେ ଥିବା ୮୦ ବର୍ଷୀୟା ଲଳିତା ଦେହୁରି ଓ ୭୦ ବାର୍ଷୀୟା ସଉରୀ ପଧାନଙ୍କୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ମାତ୍ର ୪ ପରିବାରକୁ କେବଳ ଚାଉଳ ୧୦ କେଜି ଲେଖାଏ ମିଳୁଛି। ଆହୁରି ଅନେକ ଲୋକ ସରକାରୀ ସହାୟତା ଅପେକ୍ଷାରେ ଭୋକ ଉପାସରେ ରହିଛନ୍ତି। ତେଣୁ ସେମାନଙ୍କ ସମସ୍ୟା ପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ନମ୍ରତା ମୋଦିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।



ମହ୍ଲାରଙ୍କ ପରିବାର ବସବାସ କରୁଥିବା ସ୍ଥାନ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଏପ୍ରିଲ, ୨୦୨୩

**୮୫ ୟୁନିଟ୍ ରକ୍ତ ସଂଗ୍ରହ**

ରାଜକନିକା, (ଡି.ଏନ୍.ଏ.): ରାଜକନିକା ବ୍ଲକ ବଜରପୁର ବାତ୍ୟା ଆଶ୍ରୟସ୍ଥଳଠାରେ ଟିମ୍ ହ୍ୟୁମାନିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ରକ୍ତଦାନ ଶିବିରକୁ କାଟଣା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତପନ ମାଝି ଉଦ୍‌ଘାଟନ କରିଥିଲେ। କିମ୍ସ ହସ୍ପିଟାଲ ଅସ୍ଥିଶଲ୍ୟ ବିଭାଗର ଡା.ଜିତେନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଅଞ୍ଚଳର ଯୁବତୀଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସଂଗ୍ରହ ହୋଇଥିବା ରକ୍ତକୁ କଟକ ରକ୍ତ ଭଣ୍ଡାରକୁ ପଠାଯାଇଛି। ଶିବିରରେ ମଦନ ମୋହନ ସେଠୀ, ଡ. ବିଶ୍ୱକେତନ ପଣ୍ଡା, ରବି ନାରାୟଣ ବେହେରା, ଅନିଲ କୁମାର ବେହେରା, ସ୍ୱରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମୁମ୍ବାଇରୁ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଜବତ

ବାଲିକୁଦା,୨୭।୪(ସ୍ୱ.ପ୍ର.): ମୁମ୍ବାଇ ସହରସ୍ଥିତ ଏକ କମ୍ପାନୀରେ କାମ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ଗଇଠପୁର ଗାଁର ଓଡ଼ିଆ ଶ୍ରମିକ ସନାତନ ମହାନ୍ତି (୩୫)। ସେ ମୁମ୍ବାଇରେ ସ୍ତ୍ରୀ ଓ ପିଲାଛୁଆଙ୍କ ସହ ରହୁଥିଲେ। ୪ ଦିନ ତଳେ ଶାଳକଙ୍କ ବାହାଘର ପାଇଁ ସ୍ତ୍ରୀ ଓ ପିଲାମାନେ ଗାଁକୁ ଆସିଥିବାବେଳେ ସନାତନ ସେଠାରେ ଏକୁଟିଆ ଥିଲେ। ଗତ ମଙ୍ଗଳବାର ତାଙ୍କ ଝୁଲନ୍ତା ମୃତଦେହ ସେ ରହୁଥିବା ଘରୁ ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ରହୁଥିବା ତାଙ୍କ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ ସନାତନ କାମ କରୁଥିବା କମ୍ପାନୀ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

### ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ ଅଭିଯୋଗ

କୁଜଙ୍ଗ,୨୭।୪(ଡି.ଏନ୍.ଏ.): କୁଜଙ୍ଗ ବିବି ହାଇସ୍କୁଲର ମଧ୍ୟାହ୍ନ ଭୋଜନ ଚାଉଳକୁ ହଡ଼ପ କରାଯାଇଥିବା ନେଇ ଜଣେ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ଛୁଟିଥିବାବେଳେ ବଳକା ଚାଉଳକୁ ହଡ଼ପ କରାଯିବାକୁ ଉଦ୍ୟମ ହୋଇଛି। ଅଭିଯୋଗ ପରେ ପୋଲିସ ବିଦ୍ୟାଳୟର ୨ ଜଣ ଶିକ୍ଷକଙ୍କୁ ଡାକି ଏବିଷୟରେ ପଚରାଉଚୁରା କରିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ କହିଛନ୍ତି, ୫ କୁଇଣ୍ଟାଲ ଚାଉଳ ବିଦ୍ୟାଳୟ ପାଇବାର ଥିଲା। ଏହି ଚାଉଳ ଏଜେଣ୍ଟଙ୍କ ଠାରୁ ଗହଣ କରାଯାଇଛି।

### 'ମନୋଜ ଦାସ ଓଡ଼ିଶାର ଗର୍ବ'

ଏରସମା,୨୭। ୪(ସ୍ୱ.ପ୍ର.): ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ଯୁବ ପରିଷଦ ଓ ଅଭିଜିତ୍ ପାଠାଗାର ସଭାଗୃହରେ ଏରସମା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ଗାଳ୍ପିକ ମନୋଜ ଦାସଙ୍କ ସୃଜନୀଶକ୍ତି ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ମନୋଜ ଦାସଙ୍କ ଫଟୋ ଚିତ୍ରରେ ଆଲୋଚକମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମନୋଜଙ୍କ ମହାପ୍ରୟାଣ ଦିବସ ଅବସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ନାଗୁ ଚରଣ ଦେବତା ସଭାପତିତ୍ୱ କରିଥିଲେ। ଏଥିରେ ଅମ୍ବିକା ପ୍ରସାଦ ମହାନ୍ତି ଅନ୍ୟତମ ଆଲୋଚକ ଭାବରେ ଉପସ୍ଥିତ ହୋଇ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ମନୋଜଙ୍କୁ ଓଡ଼ିଶାର ଗର୍ବ ବୋଲି କହିଥିଲେ। ଅନୁଷ୍ଠାନର ସହସମ୍ପାଦକ ଡା.ତନ୍ମୟ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ହୃଷୀକେଶ ଜେନା, ନରେନ୍ଦ୍ର କୁମାର ସ୍ୱାଇଁ, ଗାଳ୍ପିକ ପ୍ରମୋଦ କୁମାର ଲେଙ୍କା, ଅରୂପାନନ୍ଦ ସ୍ୱାଇଁ, ନିବାରଣ ନାୟକ, ଯଯାତି କେଶରୀ ସାମନ୍ତରାୟ, ଯୁଗଳ କିଶୋର ତ୍ରିପାଠୀ, ପ୍ରବୀର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଡଙ୍ଗାବୁଡ଼ି ଘଟଣାରୁ ମିଳୁନାହିଁ ଶିକ୍ଷା

କେନ୍ଦ୍ରାପଡ଼ା ଅଫିସ, ୨୭।୪




- ବିନା ଲାଇଫ୍ ଜ୍ୟାକେଟ୍ ୬୩ ଘାଟରେ ନୌଚଳାଚଳ
- ମାଛଧରା ବୋଟ୍‌ରେ ଚାଲିଛି ଯାତ୍ରୀ ପରିବହନ
- କାର୍ଯ୍ୟକାରୀ ହେଉନାହିଁ ବୋଟ୍ ରୁଲ୍‌ସ

କେନ୍ଦ୍ରାପଡ଼ା ଜିଲା ଏକମାଣିଆ କେରଡାଗଡ଼ ବ୍ରାହ୍ମଣୀ ଫେରିଘାଟରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଇଥିବା ଭୁଟୁଭୁଟି ଗୁରୁବାର ବୁଡ଼ିଗଲା। ଏହି ଦୁର୍ଘଟଣାରେ ଜଣେ ନାବାଳକଙ୍କର ମୃତ୍ୟୁ ହୋଇଥିବା ବେଳେ ନାଉରିଆ ନିଖୋଜ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଦୁଃଖ ପ୍ରକାଶ କରି ଉଭୟ ପରିବାରକୁ ୪ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ତେବେ ୨୦୨୨ ଜୁନ ୧୬ରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ଥାନା ଅଧୀନ ଅଞ୍ଚଳର ଏକ ମାଛଧରା ଟ୍ରଲର ବୁଡ଼ି ଯାଇଥିଲା। ୨୦୨୦ ଜୁନ ୧୯ରେ ମହାକାଳପଡ଼ା ବ୍ଲକ ପୀତାପାଟ ନିକଟରେ ଡଙ୍ଗା ଓଲଟି ପଡ଼ିଥିଲା। ଏଥିରେ ଥିବା ୫ ଶ୍ରମିକ କୌଣସି ପ୍ରକାର ଜୀବନ ବଞ୍ଚାଇ ପାରିଥିଲେ। ଏହି ସ୍ଥାନରେ ୨୦୧୩ ମସିହା ମାର୍ଚ୍ଚ ୧ରେ ଡଙ୍ଗାବୁଡ଼ି ଘଟଣାରେ ଜଗତ୍‌ସିଂହପୁର ଜିଲାର ୧୩ କିଶୋର କ୍ରିକେଟ ଖେଳାଳିଙ୍କ ଜୀବନ ଯାଇଥିଲା। ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡ଼ି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନି ହୋଇଥିଲା। ଏତେସବୁ ଡଙ୍ଗାବୁଡ଼ି ଘଟଣାରେ ଜିଲା ପ୍ରଶାସନକୁ କୌଣସି ଶିକ୍ଷା ମିଳିବା ପରି ଜଣାପଡୁନାହିଁ। ଜିଲାର ୬୩ ଘାଟରେ ଅନବରତ ଡଙ୍ଗା ଚାଲିଥିବା ବେଳେ ଶତାଧିକ ଘାଟ ଅଛି। ବିନା ଲାଇଫ୍ ଜ୍ୟାକେଟ୍‌ରେ ଡଙ୍ଗାରେ ଯାତ୍ରୀ ପରିବହନ କରାଯାଉଛି। ନିରାପଦ ଯାତ୍ରା ପାଇଁ ବୋଟ୍ ରୁଲ୍‌ସ ହୋଇଥିଲେ ମଧ୍ୟ ମାଛଧରା ବୋଟ୍‌ରେ ଯାତ୍ରୀ ପରିବହନ ଜିଲାବାସୀଙ୍କ ଜୀବନମରଣ ସମସ୍ୟା ହୋଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି ଯେ, ପଦନୀପାଳ, ଏକମାଣିଆ, ସିଂହଗାଁ, ବଟିଘର ଆଦି ୧୭ ପଞ୍ଚାୟତ ଅଦ୍ୟାବଧି ନଦୀ ଘେରାବନ୍ଦୀରେ ଅଛି। ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବେଳିଖଟି, ବଟିଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଜ୍ଜନକ ଭାବେ ପର୍ଯ୍ୟଟକ ଡଙ୍ଗା, ଭୁଟୁଭୁଟି, ମାଛଧରା ବୋଟ୍ ଆଦିରେ ଯାଉଛନ୍ତି। ନୌକା ଅଥବା ଦେଶୀ ଡଙ୍ଗା ସ୍ଥାନୀୟ ଅଞ୍ଚଳରେ ଯାତାୟାତ ମାଧ୍ୟମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ୨୦୦୪ ମସିହାର ବୋଟ୍ ରୁଲ୍‌ସ କାର୍ଯ୍ୟକାରୀ ହେଉନାହିଁ। ଲାଇଫ ଜ୍ୟାକେଟ୍ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି। ଫଳରେ ନୌପରିବହନ ଏବେ ବିପଜ୍ଜନକ ହୋଇଛି। ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ବୋଟ୍ ରୁଲ୍‌ସ ଅନୁଯାୟୀ, ଜିଲାରେ ଥିବା ଅଧିକାଂଶ ବୋଟ୍, ଡଙ୍ଗା ଓ ଏହାର ଚାଳକ ବୀମାଭୁକ୍ତ ହୋଇନାହାନ୍ତି। ଏପରି କି ଫିଟ୍‌ନେସ୍ ନ ଥିବା ବୋଟ୍‌ରେ ଯାତ୍ରୀ ଯାତାୟାତ କରୁଛନ୍ତି। କୌଣସି କାରଣରୁ ଡଙ୍ଗାବୁଡ଼ି ହେଲେ ମୃତ ଯାତ୍ରୀଙ୍କୁ କ୍ଷତିପୂରଣ ମିଳିବା ସମ୍ଭବ ନୁହେଁ। ଏବେ ୬୦ରୁ ଊର୍ଦ୍ଧ୍ୱ ବୋଟ୍ ଫିଟ୍‌ନେସ୍ ନ ଥାଇ ଜାତୀୟ ଉଦ୍ୟାନ ମଧ୍ୟରେ ଚାଲୁଛି। ରାଜନଗର ବ୍ଲକ ଗୁପ୍ତିର ନରେନ୍ଦ୍ର କୁମାର ଦାସ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ୧୭୦୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଅଛନ୍ତି। ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଲା, ଜୟନଗର, ଖରିନାସୀ, ବାହାକୁଦ, ଜମ୍ବୁ ଅଞ୍ଚଳରୁ ବୋଟ ଆତଯାତ ହେଉଛି। ଏଥିରେ କେତେଜଣ ନାବାଳକ ଚାଳକ ହୋଇଥିବା ଲକ୍ଷ୍ୟ କରାଯାଇଛି। ଅର୍ଥ ଲୋଭରେ ଅଧିକ ଯାତ୍ରୀ ଡଙ୍ଗା ଅଥବା ବୋଟ୍‌ରେ ପରିବହନ ହେଉଥିଲେ ମଧ୍ୟ କୌଣସି ସରକାରୀ କଟକଣା ନାହିଁ। ମହାକାଳପଡ଼ାର ବିଭୂତି ଭୂଷଣ ରାଉତ କହିଛନ୍ତି, ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଡଙ୍ଗାବୁଡ଼ିର କାରଣ ହୋଇଛି। ବାହାକୁଦ ଓ ଖରିନାସୀ ସେତୁ ଅଦ୍ୟାବଧି ନିର୍ମାଣ ଶେଷ ହୋଇନାହିଁ। ସେହିପରି ବର୍ଷା ଋତୁରେ ଜିଲାର ଅଧିକାଂଶ ସ୍ଥାନରେ ଡଙ୍ଗା ହିଁ ଯାତାୟାତର ମାଧ୍ୟମ ହୋଇଛି। ପ୍ରତିଦିନ ଡଙ୍ଗାରେ ଅଞ୍ଚଳବାସୀ ଯାତାୟାତ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ଦେଶୀ ଡଙ୍ଗା ଓ ବୋଟ୍ ଚାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେଉଛି। ନିୟମ ବହିର୍ଭୂତ କୌଣସି ଡଙ୍ଗା ଅଥବା ବୋଟ୍ ନଦୀରେ ଯାତାୟାତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# କ୍ରାଇମବ୍ରାଞ୍ଚ ତଦନ୍ତ, ବ୍ଲକ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



- ପୂର୍ବତନ ନାଏବ ସରପଞ୍ଚଙ୍କ ଆତ୍ମହତ୍ୟା ଘଟଣା
- ଭାଜପାର ଖବରଦାତା ସମ୍ମିଳନୀ

ରାଜକନିକା, ୨୭।୪(ଡି.ଏନ୍.ଏ.)

ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ରାଜେଶ କୁମାର ବେହେରାଙ୍କ ଆତ୍ମହତ୍ୟା ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସହ ବ୍ଲକ ଅଞ୍ଚଳରେ ବିଭିନ୍ନ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବିରେ ଭାଜପା ପକ୍ଷରୁ ଗୁରୁବାର ଖବରଦାତା ସମ୍ମିଳନୀ କରାଯାଇଛି। ପୂର୍ବତନ ନାଏବ ସରପଞ୍ଚ ମୃତ୍ୟୁ ଘଟଣାରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ହାତ ରହିଥିବା ଦର୍ଶାଯାଇଛି। ରାଜକନିକା ବ୍ଲକରେ ଜଣେ କିରାଣି ଦୀର୍ଘ ୩୦ ବର୍ଷ ରହି ଅବସର ନେବା ପରେ ବି ବ୍ଲକ କାର୍ଯ୍ୟାଳୟ ନ ଛାଡ଼ିବା ଓ ବ୍ଲକର ବିଡିଓଙ୍କୁ ହାତରେ ରଖି ଏବେ ବି ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ଏହାକୁ ନେଇ ଗୁରୁବାର ସନ୍ଧ୍ୟାରେ ରାଜକନିକା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟାଳୟରେ ବରିଷ୍ଠ ଭାଜପା ନେତା ବୈକୁଣ୍ଠ ନାଥ ପରିଡ଼ା ଓ କେନ୍ଦ୍ରାପଡ଼ା ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା ଓ ନୀହାର ରଞ୍ଜନ ସ୍ୱାଇଁଙ୍କ ଉପସ୍ଥିତିରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଧାୟକ ଓ ସାଂସଦଙ୍କ ପ୍ରତିନିଧିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ଦାବି କରାଯାଇଛି। ଏହାବାଦ୍ ସୁଶ୍ରୀ ଦେବୀ ହାଇସ୍କୁଲରେ ଦୁର୍ନୀତି, ଅଙ୍ଗନୱାଡ଼ି, ଆଇଏଚ୍‌ଏଲ୍‌ରେ ପ୍ରାୟ ୫୦ କୋଟିର ଦୁର୍ନୀତି ରାଜନେତା ଓ ବ୍ଲକ ଅଧିକାରୀମାନେ ମିଶି କରିଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏକମାଣିଆରେ ଡଙ୍ଗା ବୁଡ଼ି ଜଣେ ମୃତ ଓ ଜଣେ ନିଖୋଜ ଘଟଣାକୁ ପରୋକ୍ଷ ଭାବେ ରାଜ୍ୟ ସରକାର ଦାୟୀ ବୋଲି ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ଏହି ସମ୍ମିଳନୀରେ ଉପରୋକ୍ତ ସମସ୍ତ ଅଧିକାରୀଙ୍କ ସହ ୨୦୧୫ ମସିହାଠାରୁ ବ୍ଲକରେ ହୋଇଥିବା ସମସ୍ତ କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ପୂର୍ବତନ ନାଏବ ସରପଞ୍ଚ ରାଜେଶଙ୍କ ମୃତ୍ୟୁର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇ ତାଙ୍କ ସ୍ତ୍ରୀ ମୋନାଲିସାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଘାଟିତ



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଆଳି,୨୭।୪(ଡି.ଏନ.ଏ.)

ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ମଙ୍ଗଳବାର ରାତିରେ ଉଦଘାଟିତ ହୋଇଛି। ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଙ୍କୁଳ ପ୍ରମୁଖ ସୁରେଶ ଚନ୍ଦ୍ର ମିଶ୍ର ଉଦଘାଟନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶରତ କୁମାର ଦେବ ଉଚ୍ଚବିଦ୍ୟାଳୟ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ହଳଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜାନକୀ କୁମାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଶିକ୍ଷା ବ୍ୟବସ୍ଥା ଉପରେ ସୂଚନା ପ୍ରଦାନ କରିଥିଲେ। ସହ ସମ୍ପାଦକ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର କୁନିକୁନି ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

ଏହି କର୍ମଶାଳା ୩ ଦିନ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ସଙ୍କୁଳର ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରାଡିଆ ଶିଶୁ ବିଦ୍ୟାମନ୍ଦିର, ରାଜକନିକା ଶିଶୁ ବିଦ୍ୟାମନ୍ଦିର, ଦେଉଳତରା ଶିଶୁମନ୍ଦିର, ଭୂଇଁପୁର ଶିଶୁ ମନ୍ଦିର, ଜୟନଗର ଶିଶୁ ମନ୍ଦିର ଓ ଜୁଆଣିଆ ଶିଶୁ ମନ୍ଦିରର ୮୮ ଜଣ ଗୁରୁମା ଗୁରୁଜୀ ଏହି କର୍ମଶାଳାରେ ଭାଗ ନେଇଛନ୍ତି। ଅନୁଷ୍ଠାନର ସଭାପତି ସାହିତ୍ୟିକ ବନମାଳୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋବରୀ ସାରସ୍ୱତ ପରିଷଦର ସ୍ୱନକ୍ଷତ୍ର ଦିବସ

ପଟ୍ଟାମୁଣ୍ଡାଇ, ୨୭।୪(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଗୋବରୀ ସାରସ୍ୱତ ପରିଷଦ ପକ୍ଷରୁ ମା' ଛୁଆଳିଆଙ୍କ ପୀଠରେ ୩ୟ ସ୍ୱନକ୍ଷତ୍ର ପାଳିତ ହୋଇଯାଇଛି। ପରିଷଦ କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ କେନ୍ଦ୍ରାପଡ଼ା କଲେଜର ପୂର୍ବତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଡ. ନୀଳମଣି ଲେଙ୍କା ଯୋଗଦେଇ ମହାକବି ଜୟଦେବଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ଡ. ବାସୁଦେବ ଦାସ ପରିଷଦର ଇତିହାସ ଓ ଛେଦରା ଇତିହାସ ସମ୍ପର୍କରେ ତଥ୍ୟର ଅବତାରଣା କରିଥିଲେ। ଏଥିରେ ପ୍ରବଚକ ବସନ୍ତ କୁମାର ସାହୁ ଅତିଥି ପରିଚୟ ଓ ପରିଷଦର ପରିଚାଳକ ରବୀନ୍ଦ୍ର ନାଥ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। କବି କାକୁଲି ମଲ୍ଲିକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। କବି ଚାରୁଲତା ଭୂୟାଁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ବୀଣାପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପାଳ, ମଧୁସ୍ମିତା ସ୍ୱାଇଁ, ବିଚିତ୍ରାନନ୍ଦ ସାହୁ, ଆଶାଲତା ସ୍ୱାଇଁ, ଇନ୍ଦ୍ରମଣୀ ଦାସ, କୃଷ୍ଣଚନ୍ଦ୍ର ସେନାପତି, ବାସୁଦେବ ସେନାପତି, ଶ୍ରବଣ କବି ସୁଶାନ୍ତ କୁମାର ସେଠୀ ଓ ଆବିର୍ଭାବ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ମଳୟ ରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋରେଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି।

ରଘୁନାଥପୁର,୨୭।୪(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ୬ଷ୍ଠ ଦିନରେ ପହଞ୍ଚିଛି। ଏହି ଉପଲକ୍ଷେ ପୀଠରେ ଗହଳି ଜମିବାରେ ଲାଗିଛି। ପୀଠ ପ୍ରଶାସନ ପକ୍ଷରୁ ଆଗନ୍ତୁକ ଶ୍ରଦ୍ଧାଳୁ ଯାତ୍ରୀ ଓ ଦର୍ଶନାର୍ଥୀଙ୍କ ପାଇଁ ଦିନରାତି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହାଛଡା ଯାତ୍ରୀଙ୍କ ମନୋରଞ୍ଜନ ପାଇଁ ଗୁରୁବାରଠାରୁ ମିନାବଜାର ଖୋଲିବା ସହ ରାତିରେ ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ ହେଉଛି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଦିନରେ ପ୍ରଭୁଙ୍କ ଦର୍ଶନ କରି ସନ୍ଧ୍ୟାରେ ମିନାବଜାରରେ ପହଞ୍ଚି ବୁଲାବୁଲି କରିବା ସହ ରାତିରେ ଯାତ୍ରା ଦେଖୁଛନ୍ତି ବୋଲି ଯଜ୍ଞ କମିଟି କର୍ମକର୍ତ୍ତା ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି ପ୍ରକାଶ କରିଛନ୍ତି। ଲକ୍ଷାଧିକ ଯାତ୍ରୀଙ୍କ ଆଗମନକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ବ୍ୟବସ୍ଥାକୁ କଡାକଡି କରାଯାଇଛି। କୌଣସି ଅଘଟଣକୁ ଦୃଷ୍ଟିରେ ରଖି ପୀଠ ମଧ୍ୟରେ ଦମକଳ ବାହିନୀ ସଜାଗ ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ସେବା ଉପଲବ୍ଧ ରହିଛି। ସ୍ଥାନୀୟ ଯୁବକ ସଂଘ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ପୀଠରେ ଉପସ୍ଥିତ ରହି ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ଏହାଛଡା ପୀଠରେ ପର୍ଯ୍ୟାପ୍ତ ପାନୀୟଜଳ ଓ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଆସନ୍ତା ରବିବାର ପୂର୍ଣ୍ଣାହୁତି ଯାଏ ପୀଠରେ ଯାତ୍ରୀ ତଥା ଦର୍ଶନାର୍ଥୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି କମିଟି ସଦସ୍ୟ ଦିଲୀପ କୁମାର ସ୍ୱାଇଁ ଓ ପ୍ରଦୀପ୍ତ କୁମାର ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି କହିଛନ୍ତି। ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ଦାୟିତ୍ୱ ନିର୍ବାହ କରୁଥିବାବେଳେ ଉପଦେଷ୍ଟା ସୁଶାନ୍ତ କୁମାର ଦାଶ ଓ ପ୍ରଶାନ୍ତ ଭୂୟାଁ ସହଯୋଗ କରୁଛନ୍ତି। ସେହିପରି ପ୍ରଭୁଙ୍କ ନୀତିକାନ୍ତି, ଯଜ୍ଞକାର୍ଯ୍ୟ ଓ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ ରହିଛି ବୋଲି ପୂଜକ ଦିଲୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

# ୫-ଟି ସଚିବଙ୍କ ଆଳି ଗସ୍ତକୁ ବିରୋଧ କରିବ କଂଗ୍ରେସ

ଆଳି,୨୭।୪(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଅନ୍ୟମାନେ।

ଆଳି ଅଞ୍ଚଳକୁ ଶୁକ୍ରବାର ଗସ୍ତରେ ଆସୁଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ କଂଗ୍ରେସ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିବ ବୋଲି ଖବରଦାତା ସମ୍ମିଳନୀରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କହିଛନ୍ତି। ଗୁରୁବାର ଅପରାହ୍ଣରେ ଶର୍ମା ତାଙ୍କ ନିଆଳିସ୍ଥିତ ବାସଭବନରେ ଆୟୋଜିତ ସମ୍ମିଳନୀରେ କହିଛନ୍ତି, ଏକମାଣିଆ ଘାଟରେ ଯେଉଁ ଡଙ୍ଗା ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି, ସେଥିପାଇଁ ରାଜ୍ୟ ସରକାର ଦାୟୀ। ମୁଖ୍ୟମନ୍ତ୍ରୀ ୨୦୧୬ରେ ଏଠାରେ ଏକ ପୋଲ ନିର୍ମାଣ କରିବାକୁ ଶିଳାନ୍ୟାସ କରିଥିଲେ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ୭ ବର୍ଷ ପରେ ମଧ୍ୟ ତାହା ଆରମ୍ଭ ହୋଇପାରିଲା ନାହିଁ। କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ କେବଳ ଭାଷଣରେ ବ୍ୟସ୍ତ, କାମ ଘର କିନ୍ତୁ ଶୂନ। ପୋଲଟିର ଅଭାବ ଏହି ଅଞ୍ଚଳର ଲୋକମାନଙ୍କୁ ଅନେକ ବିପଦକୁ ଟାଣି ନେଉଛି। ତାଙ୍କ ବିଧାୟକ ସମୟରେ ୫ଟି ସେତୁର ଶିଳାନ୍ୟାସ କରିଥିଲେ, କିନ୍ତୁ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ସେଥିରୁ ଗୋଟିଏ ବି ଆରମ୍ଭ ହୋଇପାରିଲା ନାହିଁ। କେବଳ ଯୋଗାଯୋଗ ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସବୁଥିରେ ଆଳି ଅଞ୍ଚଳ ପଛୁଆ ରହିଛି। ୧୯୭୫ରେ ଉଦ୍‌ଘାଟିତ ହୋଇଥିବା ଆଳିର ୩୦ ଶଯ୍ୟାବିଶିଷ୍ଟ ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ସଙ୍କୁଚିତ ହୋଇ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି। କୌଣସି ବିଭାଗର ସ୍ପେଶାଲିଷ୍ଟ ଡାକ୍ତର ଏଠି ନାହାନ୍ତି। ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଏହା ଆମ ଜନପ୍ରତିନିଧିଙ୍କ ଅପାରଗତା ନୁହେଁ ତ ଆଉ କ'ଣ ହୋଇପାରେ। ଆଳି ଅଞ୍ଚଳରେ ଶିକ୍ଷା ଅତି ବିପର୍ଯ୍ୟସ୍ତ। କୌଣସି ବିଦ୍ୟାଳୟରେ ଠିକ୍ ପରିମାଣରେ ଶିକ୍ଷକ ନାହାନ୍ତି। ୫ଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି। କେବଳ ସ୍ମାର୍ଟ ବୋର୍ଡ ଲଗାଇଦେଲେ ପାଠ ପଢ଼ା ହେବନି। ଉପଯୁକ୍ତ ପରିମାଣ ଶିକ୍ଷକଙ୍କ ରହିବାର ଆବଶ୍ୟକତା ରହିଛି। ଆମେମାନେ ଏତେ ଅସୁବିଧାରେ ରହି କ'ଣ ପାଇଁ ସଚିବଙ୍କୁ ବିରୋଧ ନ କରିବୁ। କଂଗ୍ରେସ ଦଳ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିବ। ସମ୍ମିଳନୀରେ ରବୀନ୍ଦ୍ର ବେହେରା, ମାନଗୋବିନ୍ଦ ଦାସ, ସତ୍ୟପ୍ରିୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଆକାଉଣ୍ଟକୁ ଆସୁନି ଭତ୍ତା ଟଙ୍କା, ହିତାଧିକାରୀ ହଟହଟା

ନାଉଗାଁ,୨୭।୪(ସ୍ୱ.ପ୍ର.)

ଭତ୍ତା ଟଙ୍କା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଫଳରେ ହିତାଧିକାରୀମାନେ ଭତ୍ତା ଟଙ୍କା ପାଇବା ପାଇଁ ବ୍ୟାଙ୍କ ଆକାଉଣ୍ଟ ଦେବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ସରକାରଙ୍କ ତରଫରୁ ସିଧାସଳଖ ଅନଲାଇନ ମାଧ୍ୟମରେ ଟଙ୍କା ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ଅନେକ ହିତାଧିକାରୀ ଉକ୍ତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ନାଉଗାଁ ବ୍ଲକର ୧୬ ପଞ୍ଚାୟତରେ ୫,୮୦୫ ହିତାଧିକାରୀ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଥିବାବେଳେ ୪,୪୬୦ ଜଣ ଜାତୀୟ ସୁରକ୍ଷା ପେନ୍‌ସନ ଯୋଜନାରେ ସାମିଲ ହୋଇଛନ୍ତି। ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ ସରକାରଙ୍କ ତରଫରୁ ହିତାଧିକାରୀମାନଙ୍କ ଆଧାରକୁ ଭିତ୍ତି କରି ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ଏପରିକି ଜଣେ ହିତାଧିଙ୍କ ଏକାଧିକ ଆକାଉଣ୍ଟ ନମ୍ବର ରହିଥିବାବେଳେ ପୋଷ୍ଟାଲରେ ମଧ୍ୟ ଏକାଉଣ୍ଟ ରହିଛି। ତେଣୁ ହିତାଧିକାରୀଙ୍କ ଯେଉଁ ଜମା ଖାତା ଆଧାରରେ ଲିଙ୍କ ରହିଛି, ସେହି ଜମା ଖାତାକୁ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ସେହିପରି ଗତ ମାର୍ଚ୍ଚରେ ଜାତୀୟ ସୁରକ୍ଷା ଭତ୍ତା ପେନ୍‌ସନ ଯୋଜନାରେ ଶତପ୍ରତିଶତ ହିତାଧିକାରୀ ଭତ୍ତା ପାଇଥିବାବେଳେ ମଧୁବାବୁ ପେନ୍‌ସନ ଯୋଜନାରେ ୫,୮୦୫ରୁ ଏଯାବତ୍ ମାତ୍ର ୨୯୯୦ ଜଣଙ୍କ ଖାତାକୁ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। ଅପରପକ୍ଷେ ହିତାଧିକାରୀଙ୍କ ଅଭିଯୋଗ ମୁତାବକ କେଉଁଠି ସେମାନେ ଦୀର୍ଘ ୧୦ ମାସ ହେବ ଭତ୍ତା ପାଇ ନ ଥିବା ବେଳେ ଆଉ କେଉଁଠି ୭୦୦ ଟଙ୍କା ପରିବର୍ତ୍ତେ କେବଳ ୫୦୦ ପ୍ରଦାନ କରାଯାଇଛି। ଫଳରେ ହିତାଧିକାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଗଳଦାରୀ ପଞ୍ଚାୟତର ପ୍ରମିଳା ସ୍ୱାଇଁ ଦୀର୍ଘଦିନ ହେବ ଭତ୍ତା ପାଇ ନ ଥିବାରୁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ପ୍ରକାଶ କରିଛନ୍ତି।

ସେହିପରି ଶିଖର ପଞ୍ଚାୟତର ଲତିକା ବିଶ୍ୱାଳ ୭୦୦ ଟଙ୍କା ଭତ୍ତା ପାଉଥିବାବେଳେ ଜମାଖାତାକୁ ୫୦୦ ଟଙ୍କା ଆସୁଥିବା କହିଛନ୍ତି। ଏନେଇ ସେ ଅଭିଯୋଗ କରିବା ପରେ ୨ ମାସର ବଳକା ୪୦୦ ଟଙ୍କା ବ୍ଲକ କାର୍ଯ୍ୟାଳୟକୁ ଆସି ହାତରେ ନେଇଥିବା କହିଛନ୍ତି। ସେହିପରି ରୋହିଆ ପଞ୍ଚାୟତର ଅର୍ଜୁନ ସ୍ୱାଇଁ ଓ ସୀତା ସ୍ୱାଇଁ ଉଭୟଙ୍କୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୫ ଶହ ଟଙ୍କା ଭତ୍ତା ପାଉଥିବା ପ୍ରକାଶ କରିଛନ୍ତି। ତିରୁଣ ପଞ୍ଚାୟତ ତେଣ୍ଟୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଭତ୍ତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଝରି ଦାସ ଜଣେ ପକ୍ଷାଘାତ ରୋଗୀ ହୋଇଥିବା ବେଳେ ଦୀର୍ଘ ୧୦ ମାସ ହେବ ଭତ୍ତା ପାଇନାହାନ୍ତି ବୋଲି କହିଛନ୍ତି। ଏନେଇ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। କିନ୍ତୁ ବ୍ଲକ କାର୍ଯ୍ୟାଳୟରେ ଉଭୟଙ୍କ ଜମାଖାତାକୁ ପ୍ରତି ମାସରେ ଭତ୍ତା ଅର୍ଥ ପ୍ରଦାନ କରାଯାଉଥିବା ଦର୍ଶାଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଭତ୍ତା ହିତାଧିକାରୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଏ ବିଷୟରେ ବ୍ଲକ ବିଏସ୍‌ଏସ୍‌ଓ ଜୟକୃଷ୍ଣ ସ୍ୱାଇଁ କହିଛନ୍ତି, ଅନଲାଇନ ମାଧ୍ୟମରେ ଭତ୍ତା ଟଙ୍କା ସିଧାସଳଖ ରାଜ୍ୟ ସରକାର ପ୍ରଦାନ କରୁଛନ୍ତି। ବହୁ ହିତାଧିକାରୀ ଶୂନ୍ ବାଲାନ୍ସରେ ବିଭିନ୍ନ ବ୍ୟାଙ୍କରେ ଜମାଖାତା ଖୋଲିଛନ୍ତି। ଖାତାରେ ଟ୍ରାଞ୍ଜାକ୍ସନ ନ ଥିବାରୁ ଏହା ବନ୍ଦ ହୋଇଗଲାଣି। କିନ୍ତୁ ହିତାଧିକାରୀଙ୍କ ଆଧାର ନମ୍ବର ଉକ୍ତ ଖାତାରେ ରହିଥିବାରୁ ଏହାକୁ ବେଶ କରି ଭତ୍ତା ପ୍ରଦାନ କରାଯାଉଛି। ତାହା ସେମାନଙ୍କ ଜମାଖାତାକୁ ଯାଉଛି। ଅନେକ ହିତାଧିକାରୀଙ୍କ ଏକାଧିକ ଖାତା ରହିଛି। ତେଣୁ କେଉଁ ଖାତାକୁ ଭତ୍ତା ଯାଉଛି ସେମାନେ ଆଧାର ଆଣି ବ୍ଲକ କାର୍ଯ୍ୟାଳୟରେ ଦେଖିପାରିବେ। ଯଦି ଭତ୍ତା ଆସି ନ ଥିବ ପୁନର୍ବାର ଆବଶ୍ୟକ କାଗଜପତ୍ର ପ୍ରଦାନ କରି ଏହାକୁ ଦିଆଯିବା ପାଇଁ ବ୍ୟବସ୍ଥା କରାଯିବ। ଯେହେତୁ ଅନଲାଇନ ମାଧ୍ୟମରେ ପ୍ରଥମ କରି ଭତ୍ତା ପ୍ରଦାନ କରାଯାଉଛି ପ୍ରଥମେ ଅନେକ ଭୁଲ୍ ରହୁଛି। ତେଣୁ ହିତାଧିକାରୀମାନେ ବ୍ୟସ୍ତ ନ ହୋଇ କାର୍ଯ୍ୟାଳୟକୁ ଆସି ସଂଶୋଧନ କରିପାରିବେ ବୋଲି ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଶୁକ୍ରବାର ଦଶପଲ୍ଲା ବନ୍ଦ

ନୟାଗଡ଼ ଅଫିସ,୨୭।୪:ଦଶପଲ୍ଲା ଥାନା ଅଞ୍ଚଳରେ ଦେଢ଼ ମାସ ମଧ୍ୟରେ ୪ ହତ୍ୟା ଘଟଣା ଘଟିଛି। ପୋଲିସ ଆଜି ପର୍ଯ୍ୟନ୍ତ ଜଣେ ହାତ୍ୟାକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ପାରି ନାହିଁ । ବରଂ ଦଶପଲ୍ଲା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ଚାଲିଛି । ଏଭଳି ସ୍ଥଳେ ଭାଜପା ପକ୍ଷରୁ ଶୁକ୍ରବାର ଦଶପଲ୍ଲା ବନ୍ଦ ଡାକରା ଦିଆଯାଇଛି ।

### କାର୍ ଧକ୍କାରେ ଅଧ୍ୟାପକଙ୍କ ମୃତ୍ୟୁ

ବୋଲଗଡ଼,୨୭।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସମ୍ମୁଖ ୫୭ ନମ୍ବର ଜାତୀୟ ରାଜପଥରେ ଗୁରୁବାର କାର୍ ଧକ୍କାରେ ଜଣେ ଅଧାପକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରମାନନ୍ଦ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧାପକ ପ୍ରଦୀପ ମିଶ୍ର। ତେବେ ତାଙ୍କ ନିଜ ଘର



ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅନ୍ତର୍ଗତ କୈବଲ୍ୟପୁର ଗ୍ରାମରେ। ସୂଚନା ମୁତାବକ, ମଧ୍ୟାହ୍ନ ୧୨ଟାରେ ଅଧାପକ ମିଶ୍ର ସ୍କୁଟିରେ କଲେଜ କାମରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା କାର୍ (ଓଡି୦୨ ବିଜେ ୫୨୯୨) ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ସହାୟତରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅଧକ୍ଷ ପ୍ରଫେସର ହେମନ୍ତ ମହାପାତ୍ର ଓ ପୂର୍ବତନ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସମତେ ଅଧାପକମାନେ ମାଲ୍ୟାର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ୧୦୦ ଲିଟର ମଦ ଜବତ, ୨୪୦୦ ଲିଟର ପୋଚ ନଷ୍ଟ

ବୁଗୁଡା,୨୭।୪(ଡି.ଏନ.ଏ.): ବୁଗୁଡ଼ା ଅଞ୍ଚଳରେ ଗୁରୁବାର ସ୍ଥାନୀୟ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବ୍ୟାପକ ପୋଚ ନଷ୍ଟ ସହ ରନ୍ଧା ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ଥାନାରେ କେସ୍ ନଂ ୮/୨୦୨୩-୨୪ ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗୁରୁବାର ସକାଳେ ଅବକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ବୁଗୁଡ଼ା ସହରର ବାଲିପିଣ୍ଡି ହରିଜନ ସାହି ନିକଟ ଏକ ପଡିଆର ବିଭିନ୍ନ ସ୍ଥାନରେ ଅଚାନକ ଚଢାଉ କରାଯାଇ ଲୁକ୍କାୟିତ ଅବସ୍ଥାରେ ଥିବା ୧୦୦ ଲିଟର ରନ୍ଧା ଦେଶୀ ମଦ ଜବତ ସାଙ୍ଗକୁ ୨୪୦୦ ଲିଟର ପୋଚ ନଷ୍ଟ କରାଯାଇଥିଲା। ଏଥି ସହ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଗୁଡିକୁ ମଧ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସମେତ ପୋଲିସ ଏସ୍ଆଇ ସମୀର କୁମାର ସେଠୀ, ଅବକାରୀ ଥାନା ଅଧିକାରୀ ଦେବସ୍ମିତା ନାୟକ ଏବଂ ପୋଲିସ ଓ ଅବକାରୀ କର୍ମଚାରୀମାନେ ସାମିଲ ଥିଲେ।

# ନୟାଗଡ଼କୁ ୨ ସ୍ୱର୍ଣ୍ଣ, ୭ ରୌପ୍ୟ, ୬ କାଂସ୍ୟ ପଦକ

## ୱେଷ୍ଟ ଜୋନ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍

ନୟାଗଡ଼ ଅଫିସ,୨୭।୪

ବରଗଡ଼ ଜିଲାର ଗଣପତି ଭିଲ୍ଲାରେ ୩ ଦିନ ଧରି ଚାଲିଥିବା ୨ୟ ୱେଷ୍ଟ ଜୋନ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ନୟାଗଡ଼ ଜିଲାର ଖେଳାଳିମାନେ ୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ କାଂସ୍ୟ ପଦକ ପାଇଛନ୍ତି। ନୟାଗଡ଼ ଜିଲାରୁ ବିଭିନ୍ନ ବର୍ଗର ୧୬ ଖେଳାଳି, ୩ ଅଫିସିଆଲ ଓ ଜଣେ ଜାତୀୟ ରେଫରୀ ବରଗଡ଼ ଯାଇଥିଲେ। ନୟାଗଡ଼ ମାର୍ଶାଲ ଆର୍ଟ ଏକାଡେମୀର ପ୍ରିୟାନଶୁ ପାଲ ଓ ସତ୍ୟବ୍ରତ ବିଶ୍ୱାଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ, ଦିବ୍ୟା ପ୍ରିୟା, ରିତିକା ପାଣିଗ୍ରାହୀ, ପ୍ରତିୟୁସା ରାୟଗୁରୁ, ଆନନ୍ଦ କୁମାର, ଅଙ୍କିତ ବେହେରା, ଆଶୁତୋଷ ସାହୁ, ସ୍ମୃତିପ୍ରଜ୍ଞା ସାହୁ ରୌପ୍ୟ ପଦକ ପାଇଛନ୍ତି। ସେହିପରି ବିରାଟ ପ୍ରୟାସ, ସମର୍ପିତ ରଞ୍ଜନ ବିଶ୍ୱାଳ, ଶୁଚିସ୍ମିତା ବେହେରା, ଅସ୍ମିତା ସାହୁ, ଆଶୁତୋଷ ସ୍ୱାଇଁ, ବୈଦ୍ୟନାଥ ସାହୁ କାଂସ୍ୟ ପଦକ ହାସଲ କରିଛନ୍ତି । କୋଚ୍ ଶିବାନନ୍ଦ ରାୟଗୁରୁ, ମ୍ୟାନେଜର ଶୁଭଶ୍ରୀ ରାୟଗୁରୁ ଓ ଜାତୀୟ ରେଫରୀ ଆଶିଷ ଓମ୍ ପ୍ରକାଶ ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି । ନୟାଗଡ଼ ରେଡ଼କ୍ରସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବିଭୁତି ଭୂଷଣ ପଟ୍ଟନାୟକ, ସନ୍ତୋଷ କୁମାର ଷଡ଼ଙ୍ଗୀ ଓ ମାନସ କୁମାର ମହାପାତ୍ର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜିଲା ସମ୍ପାଦକ ଭବାନୀ ଶଙ୍କର ରାୟଗୁରୁଙ୍କ ତତ୍ତ୍ୱାବଧାନରେ ନୟାଗଡ଼ ଟିମ୍ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ ।



ପଦକ ହାସଲ କରିଥିବା ଖେଳାଳି ।

# ୨୮ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ ଅଫିସ,୨୭।୪

ଓଡ଼ିଶା ହାଇକୋର୍ଟଙ୍କ ଗୁରୁବାର ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟ କରୁଥିବା ୨୮ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ବଦଳି କରାଯାଇଛି। ମଳୟ ରଞ୍ଜନ ଦାଶଙ୍କୁ ବଲାଙ୍ଗୀର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ହିରଣ୍ମୟ ବିଶୋଇଙ୍କୁ ଭୁବନେଶ୍ୱର କୋ-ଅପରେଟିଭ୍ ଟ୍ରିବ୍ୟୁନାଲର ସଦସ୍ୟ (ପିଓ), ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ବଲାଙ୍ଗୀର ପରିବାର ଅଦାଲତର ବିଚାରପତି, ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ଭୁବନେଶ୍ୱର ପବ୍ଲିକ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ବେଣୁଧର ପାତ୍ରଙ୍କୁ ଭୁବନେଶ୍ୱର ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲର ପ୍ରିଜାଇଡିଂ ଅଫିସର, ରାଜଶ୍ରୀ ଚୌଧୁରୀଙ୍କୁ ଗଞ୍ଜାମ ଜିଲା ଓ ଦୌରାଜଜ୍, ଦେବାଶିଷ ରାଉତଙ୍କୁ ଭୁବନେଶ୍ୱର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ଧନୁର୍ଦ୍ଧର ସେନାପତିଙ୍କୁ ସମ୍ବଲପୁର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ଆନନ୍ଦ ନାରାୟଣ ମହାରଣାଙ୍କୁ ନୟାଗଡ଼ ଜିଲା ଓ ଦୌରାଜଜ୍, ମମିତା ଦାସଙ୍କୁ କେନ୍ଦୁଝର ଅତିରିକ୍ତ ଜିଲା ଓ ଦୌରାଜଜ୍, ଅମିୟ ରଞ୍ଜନ ଜେନାଙ୍କୁ ପୁରୀ ପ୍ରଥମ ଶ୍ରେଣୀ ଜିଲା ଓ ଦୌରାଜଜ୍ ଭାବେ ନିଯୁକ୍ତି ଦିଆଯାଇଛି। ଗୁଣ୍ଡିଚା ସାମନ୍ତସିଂହାରଙ୍କୁ ଯାଜପୁର ପରିବାର ଅଦାଲତର ବିଚାରପତି, ହର ପ୍ରସାଦ ପଟ୍ଟନାୟକଙ୍କୁ ସାଲେପୁର ଅତିରିକ୍ତ ଜିଲା ଓ ଦୌରାଜଜ୍, ପ୍ରଣମ କୁମାର ରାଉତଙ୍କୁ କଟକ ଏସ୍ସି ଆଣ୍ଡ ଏସ୍ଟି ସ୍ୱତନ୍ତ୍ର ଅଦାଲତର ପିଓ, ସ୍ମୃତିଲେଖା ବାରିକଙ୍କୁ ଭବାନୀପାଟଣା ଅତିରିକ୍ତ ଜିଲା ଓ ଦୌରାଜଜ୍, ସତ୍ୟବ୍ରତ ମିଶ୍ରଙ୍କୁ ଝାରସୁଗୁଡ଼ା ପରିବାର ଅଦାଲତର ବିଚାରପତି, ବିଶ୍ୱରଞ୍ଜନ ବେହେରାଙ୍କୁ ସମ୍ବଲପୁର ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍ଆର୍ ଓ ଏଲ୍‌ଟିଭି), ରୁଦ୍ର ପ୍ରସାଦ ମହାପାତ୍ରଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍ଆର୍ ଓ ଏଲ୍‌ଟିଭି), ସନ୍ଦୀପ କୁମାର ପଟ୍ଟନାୟକଙ୍କୁ କଟକ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍ଆର୍ ଓ ଏଲଟିଭି), ସୁବାସ ଚନ୍ଦ୍ର ଧଳଙ୍କୁ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍ଆର୍ ଓ ଏଲ୍‌ଟିଭି), ଲଳିତା ମଞ୍ଜରୀ ପଟ୍ଟନାୟକଙ୍କୁ ସମ୍ବଲପୁର ଲାର ଆଣ୍ଡ ଅଥରିଟିର ପିଓ, ସୈକତ ପାତ୍ରଙ୍କୁ ଫୁଲବାଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍, ପ୍ରତିମା ପାତ୍ରଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍ଆର୍ ଓ ଏଲ୍‌ଟିଭି), ଚିନ୍ମୟ ମିଶ୍ରଙ୍କୁ ପୁରୀ ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍ଆର୍ ଓ ଏଲ୍‌ଟିଭି), ହିମାଂଶୁ ଶେଖର ସିଂହ ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍ଆର୍ ଓ ଏଲ୍‌ଟିଭି), ସରୋଜିନୀ ପତିଙ୍କୁ ବୌଦ୍ଧ ଅତିରିକ୍ତ ଜିଲା ଓ ଦୌରାଜଜ୍, ହରପ୍ରସାଦ ପାଢ଼ୀଙ୍କୁ ସମ୍ବଲପୁର ପୋକ୍ସୋ ସ୍ୱତନ୍ତ୍ର କୋର୍ଟର ବିଚାରପତି ଭାବେ ବଦଳି କରାଯାଇଥିବା ହାଇକୋର୍ଟ ସୂତ୍ରରୁ ଜଣାଯାଇଛି।

# ବ୍ୟାଙ୍କରୁ ଭତ୍ତା ନେବାରେ ଅସୁବିଧା

## ଜିଲାପାଳଙ୍କୁ ଭେଟିଲେ ନୟାଗଡ଼ ବ୍ଲକ ଅଧକ୍ଷ

ନୟାଗଡ଼ ଅଫିସ,୨୭।୪

ଭତ୍ତା ପାଉଥିବା ବୃଦ୍ଧା, ବୃଦ୍ଧମାନେ ବୟସ ହୋଇ ଯିବା କାରଣରୁ ଟିପ ଚିହ୍ନ ଠିକ୍ ଭାବେ ଦେଇ ପାରୁ ନାହାନ୍ତି । ଫଳରେ ବ୍ୟାଙ୍କରୁ ଟଙ୍କା ଉଠାଣରେ ଅସୁବିଧା ହେଉଛି। ପୁଣି ସବୁ ହିତାଧିକାରୀଙ୍କ ପାଖରେ ଏଟିଏମ୍ ନାହିଁ । ଏଣୁ ଟଙ୍କା ନେବା ପାଇଁ କିଛି ଲୋକ ଅଟୋ ଭଡା କରି ଆସୁଥିବାରୁ ଅଯଥାରେ ଟଙ୍କା ଖର୍ଚ୍ଚ ହେଉଛି । ଏଣୁ ବହୁ ହିତାଧିକାରୀ ଟଙ୍କା ଠିକରେ ପାଇ ପାରୁ ନାହାନ୍ତି । ଏଭଳିସ୍ଥଳେ ନୟାଗଡ଼ ବ୍ଲକ ଅଧକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଜିଲାପାଳଙ୍କୁ ଭେଟି ଏହାର ନିରାକରଣ ପାଇଁ ଆଲୋଚନା କରିଛନ୍ତି ।

# ବଳାତ୍କାର ଅଭିଯୁକ୍ତ ଜେଲ ଗଲେ

ନୟାଗଡ଼ ଅଫିସ/ଦଶପଲ୍ଲା, ୨୭।୪(ଡି.ଏନ୍.ଏ.)



ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଟକ ଥିବା ବୌଦ୍ଧ ଜିଲା ପୁରୁଣାକଟକ ଥାନା ବରମୁଣ୍ଡା ଗାଁର ସୁରେନ୍ଦ୍ର ଜାନି(୨୬)ଙ୍କୁ ନୟାଗଡ଼ ଜିଲା ଦଶପଲ୍ଲା ଥାନା ପୋଲିସ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ସୁରେନ୍ଦ୍ରଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇ ବୟାନ ରେକର୍ଡ କରାଯାଇଥିଲା। ସୂଚନା ଅନୁଯାୟୀ, ଦଶପଲ୍ଲା ଅଞ୍ଚଳର ଜଣେ ନାବାଳିକା (୧୪)ଙ୍କୁ ବଳାତ୍କାର କରି ସୁରେନ୍ଦ୍ର ଫେରାର ହୋଇଯାଇଥିଲେ। ନାବଳିକା ୭ ମାସର ଗର୍ଭବତୀ ହେବା ପରେ ଘଟଣା ଲୋକ ଲୋଚନକୁ ଆସିଥିଲା । ଅଭିଯୋଗ ପରେ ପୋଲିସ ୩୭୬, ପୋକ୍‌ସୋ ଆକ୍ଟର ୪/୬ ଦଫାରେ ଏକ ମାମଲା (ନଂ.୧୧୪/୨୩) ରୁଜୁ କରିଥିଲା ।

# ଇଟାମାଟିରେ ୧୨୧ ହାତ ଉଦଣ୍ଡ ଝାମୁଯାତ୍ରା



ଝାମୁଯାତ୍ରାରେ ଜଣେ ଭକ୍ତ ନିଆଁରେ ଚାଲୁଛନ୍ତି ।

ନୟାଗଡ଼ ଅଫିସ.୨୭।୪

ଭକ୍ତି ଓ ଉପାସନାର ପର୍ବ ଉଦଣ୍ଡ ଝାମୁଯାତ୍ରା । ନୟାଗଡ଼ ବ୍ଲକର ଇଟାମାଟି ବସଷ୍ଟାଣ୍ଡ ନିକଟସ୍ଥ ଉଦଣ୍ଡ କାମନା ଠାକୁରଙ୍କ ସମ୍ମୁଖରେ ୧୨୧ ହାତ ଉଦଣ୍ଡ ଝାମୁଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି । ଦଣ୍ଡୁଆଙ୍କ ସମେତ ମାନସିକ ରଖିଥିବା ଭକ୍ତମାନେ ୧୨୧ ହାତ ନିଆଁ ଗାଡରେ ଚାଲିଥିଲେ । ପ୍ରଥମେ ଉଦଣ୍ଡ ଠାକୁର, ପରେ ପାଟ ଦଣ୍ଡୁଆ ସନ୍ତୋଷ କୁମାର ସ୍ୱାଇଁ, ପାଟଭଗତା ପିଣ୍ଟୁ ଜେନା ଚାଲିବା ପରେ ୪୦ ଦଣ୍ଡୁଆ ନିଆଁରେ ଚାଲିଥିଲେ । ପରେ ପିଲାମାନଙ୍କୁ ଧରି ୧୭ଜଣ ମାନସିକଧାରୀ ଚାଲିଥିଲେ । ଉଦଣ୍ଡ ଝାମୁଯାତ୍ରା କମିଟି ପକ୍ଷରୁ ଏହା ୭ ଦିନ ଧରି ପାଳନ କରାଯାଇଥିଲା ।

# ଜିଲାସ୍ତରୀୟ ନାଟ୍ୟ ଆଲୋଚନା ଚକ୍ର




ନାଟ୍ୟ ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି ।

ନୟାଗଡ଼ ଅଫିସ,୨୭।୪

ଓଡ଼ିଶା ନାଟ୍ୟସଂଘ ତରଫରୁ ନୟାଗଡ଼ରେ ଜିଲାସ୍ତରୀୟ ନାଟ୍ୟ ଆଲୋଚନା ଚକ୍ର ଓ ଏକକ ଅଭିନୟ ଆସର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟସଂଘର ଜିଲା ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ନୟାଗଡ଼ ପଞ୍ଚାୟତ ସମିତି ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ପବିତ୍ର କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ନାଟ୍ୟସଂଘର ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ ଯୋଗଦେଇ ନାଟକ ଜୀବନ ବିକାଶର ଏକ କଳା ଶୀର୍ଷକରେ ଆଲୋଚନା କରିଥିଲେ। କବି ସୌଦାମିନୀ ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଗୋକୁଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଅଭିନେତା କାମାକ୍ଷା ପ୍ରସାଦ ଦାଶଙ୍କ ସଂଯୋଜନାରେ ବସିରନ ବିବି, ଯାମିନୀକାନ୍ତ ମିଶ୍ର, ପ୍ରଫେସର ଆଶୁତୋଷ ମିଶ୍ର ନାଟକର ଜୀବନଧର୍ମୀ ହେବା ଅପରିହାର୍ଯ୍ୟ ଶୀର୍ଷକରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ତୃତୀୟ ଅଧିବେଶନରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଇନସ୍ୱାୟାର ମାଧ୍ୟମିକ ବିଦ୍ୟାଳୟ, ୟୁନିଟେକ୍ ଡିଗ୍ରୀ ମହାବିଦ୍ୟାଳୟ,ବୋଲଗଡ଼ ସୃଷ୍ଟି ଫାଉଣ୍ଡେଶନର ଛାତ୍ରୀଛାତ୍ର କଲ୍ୟାଣୀ ବେହେରା, ସୋନାଲି ପ୍ରିୟଦର୍ଶିନୀ, ଓମ ପ୍ରସାଦ ପ୍ରଧାନ, ଜିତୁ ପ୍ରଧାନ, ଗାୟତ୍ରୀ ସାହୁ, ସସ୍ମିତା ସାହୁ, ପୂଜାରାଣୀ ସାହୁ ପ୍ରମୁଖ ଶିକ୍ଷାରେ ନାଟକର ଉପଯୋଗିତା ବିଷୟରେ ଦଳଗତ ଆଲୋଚନା କରିଥିଲେ। ଛାତ୍ରୀ ଅଳକା ପଣ୍ଡା, ଅଭିଲିପ୍ସା ସାହୁ, ଶାଶ୍ୱତୀ ସାହୁ କ୍ଷୁଦ୍ର ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। ଏହି ନାଟ୍ୟ କାର୍ଯ୍ୟକ୍ରମରେ ପ୍ରଭାତ ମିଶ୍ର, ଅରୁଣ ମହାନ୍ତି, ସୁରେନ୍ଦ୍ର ସାହୁ, ପ୍ରଶାନ୍ତ ସାମନ୍ତରାୟ, ରଞ୍ଜନ ରଶ୍ମି ଜେନା, ନିଆରା ଇନ୍ଦ୍ର ଧନୁ ପ୍ରମୁଖ ନୟାଗଡ଼ର ବିଶିଷ୍ଟ ନାଟ୍ୟ କର୍ମୀ ଯୋଗଦେଇଥିବା ବେଳେ ଏହାକୁ ପରିଚାଳନା କରିଥିଲେ ସଂଘମିତ୍ରା ସ୍ୱାଇଁ ଓ ଜ୍ୟୋତ୍ସ୍ନାମୟୀ ନାୟକ।

# ୪୦ ୟୁନିଟ ରକ୍ତ ସଂଗ୍ରହ




ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।

ନୟାଗଡ଼ ଅଫିସ.୨୭।୪

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ ବ୍ୟାଙ୍କ କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ, ଗୋମିତ୍ର ପ୍ରମୁଖ ରକ୍ତଦାନ କରିଥିଲେ । ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଏହି ଶିବିରକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଡାକ୍ତର ପ୍ରତାପ କୁମାର ପ୍ରଧାନ, ଅକ୍ଷୟ କୁମାର ଜେନା, ଶୁଭକାନ୍ତ ଆଚାର୍ଯ୍ୟ ଓ ବିଭୁ ପ୍ରସାଦ ଶତପଥି ସହଯୋଗ କରିଥିଲେ ।

# ଶରଣକୁଳ ସାହିତ୍ୟ ସଂସଦ ଗଠିତ




ଶରଣକୁଳ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ।

ଶରଣକୁଳ,୨୭।୪(ଡି.ଏନ.ଏ.)

ଶରଣକୁଳ ଅଞ୍ଚଳର କବି, ସାହିତ୍ୟିକ, ସମୀକ୍ଷକ,ଗବେଷକ, ବ୍ୟଙ୍ଗକାରମାନଙ୍କୁ ଏକାଠି କରି ଶରଣକୁଳ ସାହିତ୍ୟ ସଂସଦ ଗଠନ କରାଯାଇଛି । ବୁଧବାର ଆଶ୍ରୟର ସମ୍ମିଳନୀ କକ୍ଷରେ ସାହିତ୍ୟିକମାନଙ୍କୁ ନେଇ ଆଶ୍ରୟର ପ୍ରତିଷ୍ଠାତା ଲୋକନାଥ ଦାଶଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ଲୋକନାଥ ଦାଶ ସଭାପତି, ଭାବଗ୍ରାହୀ କର ସମ୍ପାଦକ, କୈଳାସ ଚନ୍ଦ୍ର ଖଟେଇଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା । ଏଥିସହ କବି ପାଣ୍ଡବ ନାୟକ, ବ୍ରଜକିଶୋର ମହାପାତ୍ର, ବ୍ରଜବନ୍ଧୁ ପ୍ରଧାନ, ରବିନ୍ଦ୍ର କୁମାର ଦାଶ ଏବଂ ପ୍ରିୟମ୍ବଦା ଦାଶଙ୍କୁ ଉପଦେଷ୍ଟା ଭାବେ ନିର୍ବାଚିତ କରାଯିବା ସହ ରାମକୃଷ୍ଣ ମହାରଣା, ଶିବରାମ ଗାଆଣ, ମୁରଲୀଧର ମହାରଣା, ବୈକୁଣ୍ଠନାଥ ପ୍ରଧାନ, ବିଷ୍ଣୁପ୍ରିୟା ମହାପାତ୍ର, କାର୍ତ୍ତିକ ମୁଦୁଲି, କାଶୀନାଥ ପ୍ରଧାନ ଓ ସୁଦର୍ଶନ ପରିଡ଼ା ପ୍ରମୁଖଙ୍କୁ ସଦସ୍ୟ ରୂପେ ମନୋନୀତ କରାଯାଇଛି । ସୂଚନାଯୋଗ, ଶରଣକୁଳ ଅଞ୍ଚଳର ସାହିତ୍ୟିକମାନଙ୍କୁ ଲୋକଲୋଚନଙ୍କୁ ଆଣିବା, ଗ୍ରାମାଞ୍ଚଳରେ ସାହିତ୍ୟିକମାନଙ୍କ ବିକାଶ, ମାସିକ ସାହିତ୍ୟ ଆସର ଓ ମୁଖପତ୍ର ପତ୍ରିକାର ପ୍ରକାଶନ, ଦିବଙ୍ଗତ ସାହିତ୍ୟିକମାନଙ୍କୁ ମନେ ରଖିବା ଏବଂ ରାଜ୍ୟସ୍ତରରେ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ଶରଣକୁଳ ସାହିତ୍ୟ ସଂସଦର ମୁଖ୍ୟ କାର୍ଯ୍ୟଧାରା ହେବ ବୋଲି ସମ୍ପାଦକ କର କହିଛନ୍ତି ।

# କାଜୁ ଜଙ୍ଗଲ ନିଲାମ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ନୟାଗଡ଼ ଅଫିସ,୨୭।୪

କାଜୁ ଜଙ୍ଗଲରେ ନିଜର ପାରମ୍ପରିକ ଅଧିକାର ସାବ୍ୟସ୍ତ ସହ ନିଲାମ ପ୍ରତ୍ୟାହାର ଦାବି ନେଇ ଓଡ଼ଗାଁ ବ୍ଲକ ବାଣ୍ଟପୁର ପଞ୍ଚାୟତ ଶାଳିଆଝରିର ଆଦିବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଆଦିବାସୀ ଏକତ୍ରିତ ହୋଇ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନରେ ବିକ୍ଷୋଭ କରିଛନ୍ତି। ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଓ କୃଷକ ସଭା ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ ଆଦିବାସୀମାନେ ନୟାଗଡ଼ କଲେଜ ଅଞ୍ଚଳରୁ ଏକ ଶୋଭାଯାତ୍ରାରେ ଆସି ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ । ବିଶିଷ୍ଟ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସଙ୍ଗଠକ ସାଲ ମାରାଣ୍ଡି ଓ ଚାମୁର ସୋରେନ ଯୋଗ



ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିବା ଆଦିବାସୀ ।

ଦେଇ ଆଦିବାସୀଙ୍କ କାଜୁ ଜଙ୍ଗଲ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ନାରୀନେତ୍ରୀ ଜ୍ୟୋତିପ୍ରଭା ଜେନା, କୃଷକ ନେତା ପବିତ୍ର ଇନ୍ଦ୍ରଜିତ୍, ଗୋଲକ ବିହାରୀ ମୁଦୁଲୀ, ଶ୍ରମିକ ନେତା କପିଳ ସାହୁ, ଆଦିବାସୀ ନେତା ଭଗବାନ ପ୍ରଧାନ, ଜଗବନ୍ଧୁ ଜାନି, ବିଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇ କାଜୁ କର୍ପୋରେଶନର ନିଷ୍ପତ୍ତିକୁ ସମାଲୋଚନା କରିଥିଲେ । ଅନ୍ୟପକ୍ଷେ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଯାଇ ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ସହ କାଜୁ ଜଙ୍ଗଲ ନିଲାମ ପ୍ରତ୍ୟାହାର ନେଇ ଆଲୋଚନା କରିଥିଲେ ।


କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗସ୍ଥିତ କାଇଁଚ କ୍ଲଷ୍ଟରରେ ଗୁରୁବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ପହଞ୍ଚିବା ପରେ ମହିଳାମାନେ ସ୍ୱାଗତ କରୁଛନ୍ତି।


ଡେରାବିଶରେ ଉତ୍କଳ ଗ୍ରାମୀଣ ପ୍ରତ୍ୟୁଷର ଗ୍ରୁପ ଦ୍ୱାରା ମଶିନ ଶକ୍ତି ଅଧୀନରେ ଏମ୍ବ୍ରୋଡରୀ ସିଲାଇ କେନ୍ଦ୍ରକୁ ସଚିବ ପାଣ୍ଡିଆନ ବୁଲି ଦେଖୁଛନ୍ତି।


ପଟ୍ଟାମୁଣ୍ଡାଇଠାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଲୋକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରୁଛନ୍ତି।

# ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ଜେଲ

**ଅନୁଗୋଳ ଅଫିସ/ଜଗତ୍‌ସିଂହପୁର ଅଫିସ,୨୭।୪**

ଲାଞ୍ଚ ନେଇ ଧରାପଡ଼ିଥିବା ରାଉରକେଲାର ପୂର୍ବତନ ତହସିଲଦାର ତଥା ଜଗତ୍‌ସିଂହପୁର ଜିଲା ଏରସମାର ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁଗୋଳସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟ ଗୁରୁବାର ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲାର ପୂର୍ବତନ ତହସିଲଦାର ବେହେରା ଏକ ଲିଜ୍ ଜମି ବାତିଲ ନ କରିବାକୁ ରାମଦିନ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପାଖରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ମାମଲାର ବିଚାର ସୁନ୍ଦରଗଡ଼ ଜିଲାରେ ହେଉଥିବାବେଳେ ଆଇନଜୀବୀ ଆନ୍ଦୋଳନ ପାଇଁ ସେଠାରେ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳ ଭିଜିଲାନ୍ସ ଜଜ୍ ଅନୁପ ପଟ୍ଟନାୟକ ଉକ୍ତ ମାମଲାରେ ୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ପ୍ରମାଣ ଆଧାରରେ ଅଭିଯୁକ୍ତ ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଗଦାଧର ସାହୁ ପରିଚାଳନା କରିଥିଲେ।

# ବାଇକ୍-ହାଇୱା ମୁହାଁମୁହିଁ ଧକ୍କା: ୨ ମୃତ

**ରାଜକନିକା,୨୭।୪(ଡି.ଏନ୍.ଏ.)**

## ଡ୍ରାଇଭର ଫେରାର

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ସିହୋପଡ଼ା-ବରିପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ସାନପାଟ କଲଭର୍ଟ ନିକଟରେ ଗୁରୁବାର ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

ସୂଚନା ଅନୁଯାୟୀ, ପାରିନୂଆପଡ଼ା ହାବଲଗଣ୍ଡ ପଞ୍ଚାୟତ କଇଥାପାଳ ଗାଁର ଶୁଭଙ୍କର ମଲିକ(୨୦), ରଞ୍ଜନ ମଲିକ(୩୨) ଓ ଦଶିପୁର ଗ୍ରାମର ପ୍ରତାପ ମଲିକ (୩୦) ଗୁରୁବାର ପୂର୍ବାହ୍ନ ୧୧ଟାରେ ବରିପଡ଼ାରୁ ସିହୋପଡ଼ା ଆଡ଼କୁ ଦ୍ରୁତଗତିରେ ଏକ ବାଇକ୍ (ନଂ. ଓଡି୦୪ଡି୨୯୮୪) ଯୋଗେ ଆସୁଥିଲେ। ଏହି ସମୟରେ ଅନ୍ୟପଟୁ ବାଲି ପାଇଁ ଯାଉଥିବା ଦ୍ରୁତଗତିରେ ଥିବା ହାଇୱା (ନଂ. ଓଡି ୨୯ ଏଲ୍ ୨୯୩୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ହାଇୱାରେ ପିଟି ହୋଇ ବାଇକ୍ ଆରୋହୀ ୩ ଜଣ ଯୁବକ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ସ୍ଥଳରେ ବାଇକ୍ ଚାଳକ ଶୁଭଙ୍କରଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ରଞ୍ଜନ ଓ ପ୍ରତାପ ଗୁରୁତର ହୋଇ ପଡିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରତାପଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶୁଭଙ୍କରଙ୍କ ମୃତଦେହକୁ ଜବତ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବାଇକ୍ ଓ ହାଇୱାକୁ ପୋଲିସ ଜବତ କରିଛି। ତେବେ ଏଭଳି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପ୍ରାକ୍ତନ ବିଧାୟକ ଦେବେନ୍ଦ୍ର ଶର୍ମା, ସାଂସଦ ପ୍ରତିନିଧି ପବିତ୍ର ରାଉତ, ଯୁବନେତା ପ୍ରଦ୍ୟୁମ୍ନ ରାଉତ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପ୍ରବୀଣା ଦାସ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଥିଲେ।


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଗହଳି।

# ଲାଞ୍ଚ ନେବା ବେଳେ କନିଷ୍ଠ କିରାଣିଙ୍କୁ ଧରିଲା ଭିଜିଲାନ୍ସ

**ପଟ୍ଟାମୁଣ୍ଡାଇ,୨୭।୪(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ଭିଜିଲାନ୍ସ ଜାଲରେ ଗୁରୁବାର ଫସିଛନ୍ତି। ଜଣେ ଶିକ୍ଷକଙ୍କ ବକେୟା (ଏରିୟର) ଦରମା ପ୍ରଦାନ ଲାଗି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କିରାଣିଙ୍କୁ ଭିଜିଲାନ୍ସ ଟିମ୍ ଧରିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ କଣିପାଳ ପ୍ରାଇମେରୀ ସ୍କୁଲ ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡା ବକେୟା (ଏରିୟର) ଦରମା ପ୍ରଦାନ ଲାଗି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ନିବେଦନ କରୁଥିଲେ। ମାତ୍ର ସେଠାରେ କାର୍ଯ୍ୟରତ କନିଷ୍ଠ କିରାଣି ମାନସ ଧଳ ତାଙ୍କ ବକେୟା ଅର୍ଥ ପାଇବାକୁ ହେଲେ ୧୦ ହଜାର ଟଙ୍କା ଲାଞ୍ଚ ଦେବାକୁ ହେବ ବୋଲି କହିଥିଲେ। ଏଥିରେ ଶିକ୍ଷକ ପରିଡ଼ା ରାଜି ନ ହେବାରୁ ମାସ ମାସ ଧରି ଦୌଡିବାକୁ ପଡିଥିଲା। ପରେ ଅଭିଯୋଗକାରୀ ଶିକ୍ଷକ କନିଷ୍ଠ କିରାଣି ମାନସଙ୍କୁ ୧୦ ହଜାର ଟଙ୍କା ଦେବେ ବୋଲି କହିଥିଲେ। ଅଭିଯୋଗକାରୀ ଶିକ୍ଷକ କଟକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ କନିଷ୍ଠ କିରାଣି ମାନସ ଶିକ୍ଷକ ପରିଡ଼ାଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ଲାଞ୍ଚ ଅର୍ଥ ଜବତ ହୋଇଛି। ଏଥିରେ କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଭିଜିଲାନ୍ସ ଟିମ୍ ସାମିଲ ଥିଲେ। କେନ୍ଦ୍ରାପଡ଼ା ଭିଜିଲାନ୍ସ ବିଭାଗ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣ, ଆଇଆଇସି ସୁରେଶ କାହ୍ନାର, ଆଇଆଇସି କଟକ ବିଜୟ ସେଠୀ ଓ ଜଗତ୍‌ସିଂହପୁର ଡିଏସ୍‌ପି ହେମନ୍ତ ମହାନ୍ତିଙ୍କ ସହ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲେ। ଏହି ମାମଲାରେ ଅନ୍ୟ ୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ମାନସ ଧଳ

# ଅସଲି ଟ୍ରାନ୍‌ଜିଟ୍ ପାସ୍ ଖୋଜୁଛି ନିର୍ମାଣ ବିଭାଗ

**ଯାଜପୁର ଅଫିସ,୨୭।୪**

- ଅଡୁଆରେ ଏଚ୍‌ଏଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥା
- ଲିଜ୍‌ଧାରୀଙ୍କୁ ସୁରକ୍ଷା ଦେଉଛି ଏସିଡିସି, ପ୍ରଶାସନ
- ନକଲି ଟିପିରେ କଳାପଥର ଉତ୍ତୋଳନ ଅଣାୟତ୍ତ
- କ୍ଲୋଜର ନୋଟିସକୁ ମାନୁନାହାନ୍ତି ଲିଜ୍‌ଧାରୀ




GOVERNMENT OF ODISHA,
OFFICE OF THE SUPERINTENDING ENGINEER,
RURAL WORKS DIVISION, KEONJHAR.
E-mail-eerw1_kjr@yahoo.com

Letter No. 1917/WE // Date 24/04/23 /

To,
The Tahasildar,
Dharmasala, Jajpur, Dist-Jajpur, Pin- 755008.

Sub:- Verification of genuinity of "Y" form for execution of Royalty charges from ongoing work bills.

Ref:- This office Letter No 2044, Dtd 20.09.2019.

Sir,

With reference to the subject and letter No. cited above, it is to intimate you that this office has not receipt any confirmation letter till date regarding the Claim for exemption of Royalty charges submitted by the M / S. H.L Infrastructure Pvt. Ltd., Super Class Contractor in respect of the work "Construction of H.L Bridge over river Badarani at 17th K.M. on Mangalpur to Bhimkund road in the district of Keonjhar vide Agreement No.170P1 of 2017-18."

The work is about to complete within a very few months. Hence you are once again requested to verify the genuinity of the "Y" form submitted vide this office letter under reference. So that, settlement of the final bill can be made without any legal complicacy. If any conformation letter regarding exemption of royalty charges will not received from your side at the time of payment of final settlement, then royalty amount will be deducted as per rule.

Enclose -As above.

Yours Faithfully,
Superintending Engineer,
R.W.Division, Keonjhar

Memo No. 1918 // Dtd. 24/04/23 //
Copy to the M/S. H.L. Infrastructure Pvt. Ltd.,(Laxmidhar Mishra) Super Class Contractor, At / P.O.-Tukuna, Dist -Keonjhar for information.

Superintending Engineer,
R.W.Division, Keonjhar

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରୁ ଯୋଗାଣ ହୋଇଥିବା ପଥର ସାମଗ୍ରୀର ୱାଇ ଫର୍ମ ବା ଟ୍ରାନ୍‌ଜିଟ୍ ପାସ୍(ଟିପି)ର ଅସଲି ତଥା ଯଥାର୍ଥତା ଖୋଜୁଛି କେନ୍ଦୁଝର ଗ୍ରାମ୍ୟ ନିର୍ମାଣ ଡିଭିଜନ। ପ୍ରାୟ ୪ ବର୍ଷ ହେବ କେନ୍ଦୁଝର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଏନେଇ ଧର୍ମଶାଳା ତହସିଲଦାରଙ୍କୁ ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ଏଠାରେ ସବୁ ନକଲି ୱାଇ ଫର୍ମରେ ପରିବହନ କାରବାର ଚାଲିଥିବାରୁ ଧର୍ମଶାଳା ତହସିଲ କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି ବୋଲି ଅନୁମାନ କରାଯାଇଛି। ଏଥିରୁ ଲଘୁ ଖଣିଜ ଦ୍ରବ୍ୟ ଲୁଟର ଆଉ ଏକ ପ୍ରମାଣ ଜଳଜଳ ହୋଇ ଦିଶୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ୧ ମାସ ମଧ୍ୟରେ ୮ଟି ଖାଦାନର ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ଜରିମାନା ଡିମାଣ୍ଡ ଏବଂ କ୍ଲୋଜର ନୋଟିସ ଦିଆଯାଇଥିଲେ ହେଁ ବେଆଇନ କଳାପଥର ଉତ୍ତୋଳନ ଆହୁରି ଜୋର ଧରିଛି। ଏହି କାରବାରରେ ଧର୍ମଶାଳା ତହସିଲ ପ୍ରଶାସନ ଏବଂ ପୋଲିସ ନୀରବ ସାଜି କଳାପଥର ଲୁଟ ପ୍ରକ୍ରିୟାକୁ ମିଳିତ ଭାବେ ସହଯୋଗ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏପରି କି ଆରୁହା ପାହାଡର ୩୪/୨୦୨୧-୨୨ ଖାଦାନରୁ ୫ ବର୍ଷର ଧାର୍ଯ୍ୟ ପରିମାଣ କଳାପଥର ୯ ମାସରେ ଉତ୍ତୋଳନ କରାଯାଇଛି।

ଅତ୍ୟଧିକ ବ୍ଲାଷ୍ଟିଂ ଯୋଗୁ ୨୦ ଗ୍ରାମର ଲୋକେ ବିଷାକ୍ତ ଜଳ, ବାୟୁ ଓ ଧୂଆଁରେ ଅତିଷ୍ଠ ହୋଇ ପଡିଲେଣି। ଘର ଫାଟ ହେଉଥିବାବେଳେ ଧନଜୀବନ ହାନୀ ଆଶଙ୍କା ଦେଖା ଦେଇଛି। ଏହି ମର୍ମରେ ଅଞ୍ଚଳବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଗତ ୧୬।୧।୨୦୨୨ରେ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି (ଏସିଡିସି) ବୈଠକରେ ବେଆଇନ କଳାପଥର କାରବାର ଉପରେ କଡା କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଏଠାରେ ଫସର ଫାଟିଛି।

ଧର୍ମଶାଳା ତହସିଲ ପ୍ରଶାସନ ପକ୍ଷରୁ ରୟାଲଟି ଜମା ଅନୁସାରେ ଟିପି ବା ୱାଇ ଫର୍ମ ବହି ପ୍ରଦାନ କରାଯାଇଛି। ଏହି ଟିପି ମାଧ୍ୟମରେ ଆବଶ୍ୟକତାଠାରୁ ଅଧିକ କଳାପଥର ଉତ୍ତୋଳନ କରି ପରିବହନ ହୋଇ ସାରିଛି। ଏହା ପରେ ତହସିଲ ପ୍ରଶାସନ ଟିପି ପୁସ୍ତକ ଦେବାରେ ଅକ୍ଷମତା ପ୍ରକାଶ କରିବାରୁ ନକଲି ଟିପି ପୁସ୍ତକ ପ୍ରଚଳନ ହେଉଥିବା ଚର୍ଚ୍ଚା ହେଉଛି। ତେବେ ଏହି ନକଲି ଟିପି ଉପରେ ନା ଜିଲା ପ୍ରଶାସନ କିମ୍ବା ପୋଲିସ କୌଣସି ତଦନ୍ତ କରୁନାହିଁ। ଜିଲାପାଳ ମଧ୍ୟ ଏହି ବେଆଇନ କାରବାର ଉପରେ ନୀରବ ରହୁଥିବାରୁ ସରକାର ବିପୁଳ ପରିମାଣରେ ରାଜସ୍ୱ ହରାଉଥିବା ମତପ୍ରକାଶ ପାଉଛି। ଏଠାରେ ବୈତରଣୀ ନଦୀର ୧୭ କି.ମି. ଦୂରବର୍ତ୍ତୀ ମଙ୍ଗଳପୁର-ଭିମକୁଣ୍ଡ ରାସ୍ତାରେ ନିର୍ମାଣାଧୀନ ହାଇଲେଭୁଲ ବ୍ରିଜରେ ବ୍ୟବହୃତ ପଥର ସାମଗ୍ରୀକୁ ଉଦାହରଣ ଭାବେ ନିଆଯାଇପାରେ। କେନ୍ଦୁଝର ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଗତ ୨୪।୪।୨୦୨୩ରେ ଧର୍ମଶାଳା ତହସିଲଦାରଙ୍କୁ ଦେଇଥିବା ପତ୍ର ଅନୁଯାୟୀ ବୈତରଣୀ ନଦୀରେ ଉକ୍ତ ହାଇଲେଭୁଲ ବ୍ରିଜ ଶେଷ ହେବାକୁ ଯାଉଛି। ଇତିମଧ୍ୟରେ ସଂପୃକ୍ତ ଠିକାସଂସ୍ଥା ଏଚ୍‌ଏଲ୍ ଇନଫ୍ରାଷ୍ଟ୍ରକ୍ଚର ଧର୍ମଶାଳା ଅଞ୍ଚଳରୁ ପରିବହନ ହୋଇଥିବା ପଥର ସାମଗ୍ରୀ ଉପରେ ରୟାଲଟି ବିଲ ଦାଖଲ କରିଛି। କିନ୍ତୁ ୱାଇ ଫର୍ମର ଯଥାର୍ଥତା ପ୍ରମାଣପତ୍ର ମିଳି ନ ଥିବାରୁ ଫାଇନାଲ ବିଲ ପ୍ରସ୍ତୁତିରେ ବିଳମ୍ବ ହେଉଛି।

ଗ୍ରାମ୍ୟ ନିର୍ମାଣ ବିଭାଗର ପୂର୍ବ ପତ୍ର ୨୦୪୪/୨୦।୯।୨୦୧୯ ଅନୁସାରେ ଧର୍ମଶାଳା ତହସିଲ ଅଞ୍ଚଳରୁ ସଂପୃକ୍ତ ଠିକାସଂସ୍ଥା ଉକ୍ତ ବ୍ରିଜ ନିର୍ମାଣ ପାଇଁ ୨୧୦୦ କ୍ୟୁବିକ ମିଟର ଚିପ୍ସ ବ୍ୟବହାର କରିଛି। ଏଥିପାଇଁ ଧର୍ମଶାଳା ତହସିଲରୁ ଜାରି ହୋଇଥିବା ୧୦୪୪୬, ୧୫୯୭୪ ଓ ୧୦୪୪୬ ନମ୍ବର ପୁସ୍ତକରୁ ୧୫୦ ଟିପି ବ୍ୟବହାର କରାଯାଇଛି। କିନ୍ତୁ ଉକ୍ତ ଟିପିଗୁଡିକ ନକଲି ନା ଅସିଲ ତାହାର ଯର୍ଥାଥତା ଖୋଜୁଛି କେନ୍ଦୁଝର ନିର୍ମାଣ ବିଭାଗ। ଧର୍ମଶାଳା ତହସିଲ ଅଞ୍ଚଳରୁ ବିନା ଟିପିରେ ବହୁ ମୂଲ୍ୟବାନ କଳାପଥର ପରିବହନ କରାଯାଉଛି। କେବଳ ଭୂପୃଷ୍ଠରୁ ଉପରଭାଗ କଳାପଥର ଉତ୍ତୋଳନ ହେଉନି ବରଂ ମାଟି ତଳେ ଥିବା କଳାପଥରକୁ ମଧ୍ୟ ତାଡି ନିଆଯାଉଛି। ଲିଜ୍‌ପ୍ରାପ୍ତ ଖାଦାନରୁ ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ ଏବଂ ନକଲି ଟ୍ରାନ୍‌ଜିଟ ଫର୍ମରେ ଖଣିଜ ପରିବହନ ଉପରେ ହାଇକୋର୍ଟ, ଲୋକାୟୁକ୍ତ ଓ ଏନ୍‌ଜିଟିରେ ଏକାଧିକ ମାମଲା ବିଚାରାଧୀନ ରହିଛି। କିନ୍ତୁ ଏହି ବେଆଇନ କାରବାର ଉପରେ ଏସିଡିସି ସମେତ ଜିଲା ପୋଲିସ ଓ ପ୍ରଶାସନର ସହଯୋଗ ରହୁଥିବାରୁ କଳାପଥର ଚୋରି କାରବାର ଅଣାୟତ୍ତ ହୋଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଧୀନ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଦେବାଶିଷ


@ ଦିବ୍ୟରଞ୍ଜନ


@ ରବୀନ୍ଦ୍ର


@ ରୋମି


@ ସୂର୍ଯ୍ୟନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା ଦେଲେ ବିଇଓ

**ଚଣ୍ଡିଖୋଲ,୨୭।୪(ଡି.ଏନ.ଏ.):**

## ଜାଲ୍ ସାର୍ଟିଫିକେଟରେ ଚାକିରି

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ରଇପୁର ପଞ୍ଚାୟତ ପାଥପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣାପଡ଼ିବା ପରେ ତାଙ୍କ ନାମରେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ସବିତା ସାହୁ ବଡ଼ଚଣା ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ରଇପୁର ପ୍ରାଥମିକ ବିଦ୍ୟାଳୟରେ ଚାକିରି କରୁଥିବା ଶିକ୍ଷୟିତ୍ରୀ ମଞ୍ଜୁଲତା ନାୟକ ୨୦୧୧ରେ ଶିକ୍ଷକତା ଚାକିରି ଆରମ୍ଭ କରିଥିଲେ। ୨୦୧୭ ରେ ସେ ରେଗୁଲାର ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। ତେବେ ଜାଲ୍ ସାର୍ଟିଫିକେଟ ଧରା ପଡ଼ିବା ପରେ ରାଜ୍ୟର ପ୍ରତ୍ୟେକ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ମଞ୍ଜୁଲତାଙ୍କ ସାର୍ଟିଫିକେଟ ମାଧ୍ୟମିକ ବୋର୍ଡକୁ ପଠାଇ ତନଖି କରିବାରୁ ଏହା ଜାଲ୍ ବୋଲି ଜଣାପଡିଛି। ବୋର୍ଡ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଧାରରେ ବୁଧବାର ବ୍ଲକ ଶିକ୍ଷାଧିକାରୀ ଥାନାରେ ଏତଲା ଦେଇଛନ୍ତି। ତେବେ ଗତ ବର୍ଷକ ତଳେ ଏହି ବ୍ଲକରେ ୩ ଜଣ ଶିକ୍ଷକ ସାର୍ଟିଫିକେଟ ଜାଲିଆତି କରି ମାର୍କ ବଢ଼ାଇଥିଲେ। ପଦୋନ୍ନତି ମଧ୍ୟ ପାଇଥିଲେ। ତାଙ୍କ ନାମରେ ଏତଲା ହୋଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିଲା। କେବଳ ସେତିକି ନୁହେଁ ପୂର୍ବରୁ ଏଠାରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳେଇ ମଧ୍ୟ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ନେଇ କିଛି ସାମାଜିକ କର୍ମୀ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲାକୁ ବଦଳି କରି ଦିଆଯାଇଥିବା ଜଣାପଡିଛି। ତେଣୁ ପ୍ରକୃତ ତଦନ୍ତ କରାଗଲେ ଜାଲ୍ ସାର୍ଟିଫିକେଟରେ ଚାକିରି କରିଥିବା ବହୁ ଶିକ୍ଷୟିତ୍ରୀଶିକ୍ଷକ ଧରାପଡ଼ିବା ସମ୍ଭାବନା ରହିଛି ବୋଲି ଆଲୋଚନା ଜୋର ଧରିଛି।

**ଅଷ୍ଟପ୍ରହର ନାମଯଜ୍ଞ** | ନୟାଗଡ଼ ଅଫିସ : ନୟାଗଡ଼ ସହର ଉପକଣ୍ଠ ତୁଳସୀପୁର ଅଚ୍ୟୁତ ଆଶ୍ରମର ରାଧାକୃଷ୍ଣ ମନ୍ଦିର ନିକଟରେ ଅଷ୍ଟପ୍ରହର ନାମଯଜ୍ଞ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଠାରେ ୭ଟି ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ ।

# ବଢୁଛି ୨ ନଦୀବନ୍ଧ ବିସ୍ଥାପିତଙ୍କ ଦୁଃଖ

**ନୟାଗଡ଼ ଅଫିସ,୨୭।୪**

- ଲୋଭ ଦେଖାଇ ଭୋଗ ଦଖଲ ଜମିରେ କାଜୁଗଛ ଲଗାଇଲେ
- ଫଳ ଧରିବା ପରେ କାଜୁ କର୍ପୋରେଶନ ନିଲାମ କଲେ
- ନିଲାମଧାରୀ,ଆଦିବାସୀଙ୍କ ମଧରେ ବିବାଦ ତେଜିଲା

ନୟାଗଡ଼ ଜିଲାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ଥାନୀୟ ଆଦିବାସୀଙ୍କୁ ଲୋଭ ଦେଖାଇ ଭୋଗ ଦଖଲ ଜମିରେ କାଜୁକର୍ପୋରେଶନ କାଜୁଗଛ ଲଗାଇଲେ। କାଜୁ ଗଛକୁ ଆଦିବାସୀଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଗଲା । ହେଲେ ଫଳ ଧରିବା ପରେ ସେଗୁଡିକୁ ନିଲାମ କରିବା କାରଣରୁ ନିଲାମଧାରୀ ଓ ଆଦିବାସୀଙ୍କ ମଧ୍ୟରେ ବିବାଦ ତେଜିଛି। ଏହି ବିବାଦକୁ ନେଇ ବୁଢ଼ାବୁଢ଼ିଆଣୀ ଡ୍ୟାମ୍ ଓ ବାଘୁଆ ନଦୀବନ୍ଧର ବିସ୍ଥାପିତ ଆଦିବାସୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିଛି । ଏଣୁ ୩୮ ଖଣ୍ଡ ଗାଁର ଆଦିବାସୀ ମିଳିତ ହୋଇ କାଜୁ ପଦରରେ ସେମାନଙ୍କ ପାରମ୍ପରିକ ଅଧିକାର ଫେରି ପାଇବା ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ଏନେଇ ଶାଳିଆଝରି ଗାଁର ଭଗବାନ ପ୍ରଧାନ କୁହନ୍ତି, ଶାଳିଆଝରି ଓ ପୋକରାଆମ୍ବା ଗାଁର ଆଦିବାସୀ ବୁଢ଼ାବୁଢ଼ିଆଣୀ ଡ୍ୟାମ୍ ପରିସରରେ ରହୁଥିଲେ । ଡ୍ୟାମ୍ ନିର୍ମାଣ ହେବା ସମୟରେ ଆମ୍ଭମାନଙ୍କୁ ବିସ୍ଥାପିତ କରାଗଲା । ଆମେ ଆମ ଘର ପାଖରେ ଥିବା ସରକାରୀ ଜମିରେ ବିରି, ମୁଗ ପରି ଅନେକ ଫସଲ କରି ଗୁଜୁରାଣ ମେଣ୍ଟାଉଥିଲୁ । ୧୯୯୦-୯୧ରେ ଆମ ଗାଁକୁ କାଜୁ କର୍ପୋରେଶନ କର୍ମଚାରୀ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଗାଁ ପଦାରେ କାଜୁ ଗଛ ଲଗାଇବାକୁ କହିଲେ। କାଜୁ ଗଛରେ ଫଳ ଆସିଲେ ତାକୁ ବିକି ଚଳିବାକୁ କହିବା ପରେ ଗାଁ ଲୋକେ ରାଜି ହେଲେ । ଗାଁର ଆଦିବାସୀମାନେ କାଜୁ କର୍ପୋରେଶନ ସହଯୋଗରେ କାଜୁ ଗଛ ଲଗାଇ ଛୋଟରୁ ବଡ କଲେ। ଗଛରେ ଫଳ ଆସିଲା । ଆଦିବାସୀଙ୍କ ଜୀବନଜୀବିକାରେ ପରିବର୍ତ୍ତନ ଆସିଲା । ତେବେ ଚଳିତ ବର୍ଷ ଆମ ହେପାଜତରେ ଥିବା କାଜୁ ଜଙ୍ଗଲକୁ କାଜୁ କର୍ପୋରେଶନ ଆମକୁ ନ ଜଣାଇ ନିଲାମ କରିଛନ୍ତି । ଗଞ୍ଜାମର ଜଣେ ବ୍ୟକ୍ତି ଏହି ନିଲାମ ନେଇଛନ୍ତି । ଓଡ଼ଗାଁର କେତେଜଣ ବ୍ୟକ୍ତି ଆସି କାଜୁ ଜଙ୍ଗଲକୁ ନେଇ ଗଣ୍ଡଗୋଳ ମାରପିଟ୍ କରୁଛନ୍ତି । ଏଣୁ ଆମେ କାଜୁ ପଦରରେ ପାରମ୍ପରିକ ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଛୁ। ମରିବୁ ପଛେ କାଜୁ ଜଙ୍ଗଲକୁ ଅନ୍ୟ କାହାରିକୁ ଦେବୁ ନାହିଁ । ହଳଦାପଲ୍ଲର ଜଗବନ୍ଧୁ ଜାନୀ କୁହନ୍ତି, ବାଘୁଆଡ୍ୟାମ୍ ହେବା ସମୟରେ ହଳଦାପଲ୍ଲୀ, ବରପଲ୍ଲୀ ଓ ଜୟମଙ୍ଗଳପ୍ରସାଦ ଗାଁର ଆଦିବାସୀଙ୍କୁ ବିସ୍ଥାପନ କରାଯାଇଥିଲା । ବିସ୍ଥାପିତ ଲୋକମାନେ ଯେଉଁ ଅଞ୍ଚଳରେ ରହିଲେ ତାର ଆଖପାଖ ଅଞ୍ଚଳରେ ସରକାରୀ ଜମିରେ ଫସଲ କରି ଜୀବିକା ନିର୍ବାହ କରୁଥିଲେ । କାଜୁ କର୍ପୋରେଶନ ପକ୍ଷରୁ ପ୍ରାୟ ୩୦ ଏକର ଜମିରେ କାଜୁ ଗଛ ଲଗାଇଯାଇ ସ୍ଥାନୀୟ ଆଦିବାସୀଙ୍କୁ ସୁରକ୍ଷା ଭାର ଦିଆଯାଇଥିଲା । ହଳଦାପଲ୍ଲୀ, ବରପଲ୍ଲୀ ଓ ଜୟମଙ୍ଗଳପ୍ରସାଦ ଗାଁର ଆଦିବାସୀ ଉପକୃତ ହେଲେ । ତେବେ ଆମେ ଭୋଗ କରୁଥିବା କାଜୁ ଜଙ୍ଗଲକୁ ନିଲାମ କରିଦେବା ପରେ ଆମର ଜୀବନଜୀବିକା ଉପରେ ପ୍ରଭାବ ପଡିଛି । ଆମେ ଏକତ୍ରିତ ହୋଇ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛୁ । ଶାଳିଆଝରି ଲୋକଙ୍କ ସହ ମିଶି ଆମେ ଆନ୍ଦୋଳନକୁ ଓହ୍ଲାଇଛୁ। ଖଡିଆର ଶଶୀଭୂଷଣ ମାନସିଂ କୁହନ୍ତି, ରଣପୁର ବ୍ଲକର ସୁରୁକାବାଡି ପଞ୍ଚାୟତର କୋଦଳାପଲ୍ଲୀ ଓ ସିନ୍ଦୁରିଆରେ କାଜୁ ଜଙ୍ଗଲ ନିଲାମ ପରେ ବିବାଦ ବଢ଼ିଥିଲା। ଆଦିବାସୀମାନେ ଜଙ୍ଗଲ ଅଧିକାରୀ ନିୟମ ଅନୁସାରେ ଆନ୍ଦୋଳନ କରି ନିଲାମ ପ୍ରତ୍ୟାହାର କରି ନିଜେ ଭୋଗ ଦଖଲ କରୁଛନ୍ତି । ସେହିପରି ଖଡିଆ ପଞ୍ଚାୟତର ଜଗନ୍ନାଥପ୍ରସାଦ (ଗୋଡିସାହି)ରେ କାଜୁ କର୍ପୋରେଶନ ନିଲାମ ଦେଇ ଅନୁରୂପ ବିବାଦ କରିଥିଲେ । ସ୍ଥାନୀୟ ଲୋକ ଆନ୍ଦୋଳନ କରି କାଜୁ ଜଙ୍ଗଲ ଉପଭୋଗ କରୁଛନ୍ତି । ଏଣୁ ଶାଳିଆଝରି ଆଦିବାସୀଙ୍କ ସହ ଆମେ ମିଶି ଆନ୍ଦୋଳନରେ ସାମିଲ ହୋଇଛୁ । ଆମ ଅଧିକାର ଆମେ ପାଇ କାଜୁ ଜଙ୍ଗଲ ଆମେ ଅଧିକାର କରିବୁ ବୋଲି କହିଛନ୍ତି । ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର ଓ କୃଷକ ନେତା ପବିତ୍ର ଇନ୍ଦ୍ରଜିତ୍ କୁହନ୍ତି, ଶାଳିଆଝରିରେ ୨୩ ଏକର ୪୦ ଡେସିମିଲ କାଜୁ ଜଙ୍ଗଲ ଅଛି । ଏହାକୁ ଶାଳିଆଝରି ଆଦିବାସୀ ଭୋଗ ଦଖଲ କରି ଆସୁଥିଲେ । ଏହାକୁ ନିଲାମ ଦେବା ପରେ ଅଶାନ୍ତି ବଢ଼ିଛି । ୩୮ଟି ପଲ୍ଲୀର ଲୋକ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ପରେ ବାଘୁଆପଲ୍ଲୀ କାଜୁ ଜଙ୍ଗଲ ନିଲାମ ଉପରେ ପ୍ରତିବାଦ କରାଯିବ । ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ଶାଳିଆଝରିରେ କାଜୁ ଜଙ୍ଗଲ ପ୍ରଥମ ବର୍ଷ ନିଲାମ ପରେ ବିବାଦ ଦେଖା ଦେଇଛି । ଏନେଇ କାଜୁ କର୍ପୋରଶନର ଦଶପଲ୍ଲା ସବ୍‌ଡିଭିଜନାଲ ମ୍ୟାନେଜରଙ୍କ ସହ ଶୁକ୍ରବାର ଆଲୋଚନା କରାଯାଇ ବିବାଦକୁ ସମାଧାନ କରାଯିବାକୁ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ୪ ଆହତ

**ନୂଆଗାଁ,୨୭।୪ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ଅଧୀନ ଗୁମି ନିକଟରେ ଗୁରବାର ୨ ବାଇକ୍ ମଧ୍ୟରେ ଧକ୍କା ହୋଇଛି । ଏଥିରେ ୪ ଯୁବକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ କାଳିଆମ୍ବା ଗ୍ରାମର ଲକ୍ଷ୍ମଣ ପ୍ରଧାନ (୨୨) । ଜଣେ ବାଳକ ଗାଡ଼ି ଆଗକୁ ଚାଲି ଆସିବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଫଳରେ ବାଇକ୍ ଆରୋହୀ କାଳିଆମ୍ବା ଗ୍ରାମର ବସନ୍ତ ପ୍ରଧାନ, ରମେଶ ବେହେରା, ଲକ୍ଷ୍ମଣ ପ୍ରଧାନ ଓ ଲୁହାରଖଣି ଗ୍ରାମର ଜଳନ୍ଧର ପ୍ରଧାନ ଆହତ ହୋଇଥିଲେ। ଖବର ପାଇ ନୂଆଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ଲକ୍ଷ୍ମଣଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ଫେରାର ଥିବା ଆନ୍ତଃରାଜ୍ୟ ଡକାୟତ ଗିରଫ



**ଭାପୁର,୨୭।୪(ଡି.ଏନ୍.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ପୋଲିସ ଜଣେ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେ ହେଲେ ଫତେଗଡ ଥାନା ଶାସନ ପଞ୍ଚାୟତ ଟିକିରିପଡ଼ା ଗ୍ରାମର ସଂଗ୍ରାମ ମହାନ୍ତି(୩୨) । ସେ କରବର ଗ୍ରାମରେ ଥିବା ଶ୍ୱଶୁର ଘରେ ଲୁଚି ଥିଲେ । କୌଣସି ସୂତ୍ରରୁ ଖବର ପାଇ ଫତେଗଡ଼ ଥାନା ପୋଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୦୨୨ରେ ଫତେଗଡ଼ ଥାନା ଅଧୀନ ବଡସହରା ପଞ୍ଚାୟତ ଜାମୁସାହି ଗ୍ରାମର ସଞ୍ଜୟ ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ଏନେଇ ଫତେଗଡ଼ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୧୯୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଫତେଗଡ଼ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ କେତେଜଣ ଡ଼କାୟତଙ୍କୁ ପୋଲିସ ଗିରଫ କରିଥିଲା । ସେହି ଡକାୟତ ମଧରୁ ଫତେଗଡ଼ ଥାନା ଟିକିରିପଡ଼ା ଗ୍ରାମର ବିଜୟ ମହାନ୍ତି (୨୮) ଓ ବାଲିଆପଟା ଗ୍ରାମର ପ୍ରଭାତ ନାୟକ(୪୭) ଗିରଫ ହୋଇଥିଲେ। ସେମାନଙ୍କଠାରୁ ୫ ଲକ୍ଷ ଟଙ୍କାର ୧୦୩ ଗ୍ରାମ ସୁନା ଅଳଙ୍କାର, ୫୦୨ ଗ୍ରାମର ରୁପା ଅଳଙ୍କାର ଜବତ କରାଯାଇଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ସଂଗ୍ରାମ ପୋଲିସ ଆଖିରେ ଧୂଳି ଦେଇ ସେଦିନଠାରୁ ଫେରାର ଥିଲେ ।

# ଚାଷୀଙ୍କୁ ବିଲରେ ଦଳିଦେଲା ହାତୀ



କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

- କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ବର୍ଷକରେ ଗଲାଣି ୫ ଜୀବନ

**ନୟାଗଡ଼ ଅଫିସ / ରଣପୁର, ୨୭।୪(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ମହତପଲ୍ଲା ପଞ୍ଚାୟତ ବନ୍ଧପଲା ଗାଁର ଜଗବନ୍ଧୁ ଜେନା(୪୨) ନାମକ ଜଣେ ଚାଷୀଙ୍କ ଦନ୍ତାହାତୀ ଆକ୍ରମଣରେ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି । ଖବର ପାଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ଗୁରୁବାର ମଧାହ୍ନରେ ରଣପୁର ଡାକ୍ତରଖାନା ଛକରେ ରଣପୁର-ସୁନାଖଳା ରାସ୍ତାକୁ ଅବରୋଧ କରିଥିଲେ। ସେମାନେ ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ । ରାସ୍ତାରୋକୋର ୫ମିନଟ ଭିତରେ ରଣପୁର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରଣପୁର ରେଞ୍ଜରଙ୍କୁ ଡକାଇ ଥାନାରେ ଲୋକଙ୍କ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ରେଡ଼କ୍ରସରୁ ୧୦ ହଜାର ଟଙ୍କା ଓ ବନବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ ।

ସୂଚନାଯୋଗ୍ୟ, ବନ୍ଧପଲ୍ଲା ଅଞ୍ଚଳ ଭେଟବର ଡ୍ୟାମ୍ ନିକଟରେ ଅବସ୍ଥିତ । ସେଠାରେ କେତେଜଣ ଚାଷୀ ଧାନଫସଲ କରିଛନ୍ତି । ବନ୍ଧପଲା ଗାଁର ଜଗବନ୍ଧୁ ବି ଧାନ ଫସଲ କରି ତାକୁ ଜଗାରଖା କରୁଥିଲେ। ବୁଧବାର ରାତିରେ ସେ ଧାନ ଫସଲ ଜଗିବାକୁ ବିଲକୁ ଯାଇଥିଲେ। ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଆସି ଜଗବନ୍ଧୁଙ୍କ ଧାନ ଫସଲ ନଷ୍ଟ କରୁଥିଲା। ଜଗବନ୍ଧୁ ବାଡ଼ି ଦେଖାଇ ହାତୀ ଘଉଡାଇବାକୁ ଚେଷ୍ଟା କରିଥିଲେ । ହେଲେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଣପୁର ଥାନା ପୋଲିସ ମୃତଦେହକୁ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦନ୍ତାହାତୀ ଆକ୍ରମଣରେ ଚଳିତ ବର୍ଷ ୫ଜଣ ମୃତ୍ୟୁ ଘଟି ସାରିଲାଣି ବୋଲି ସୂଚନା ମିଳିଛି ।

# କାର, ସ୍କୁଟି ସହ ୩୮ କେଜି ଗଞ୍ଜେଇ ଜବତ



ଜବତ ଗଞ୍ଜେଇ ଓ କାର୍, ସ୍କୁଟି । ଗିରଫ ୨ ଅଭିଯୁକ୍ତ ।

- ଜେଲ୍ ଗଲେ ୨ ବେପାରୀ
- ଜବତ ଗଞ୍ଜେଇ ଭୁବନେଶ୍ୱର ଯାଉଥିଲା

**ନୟାଗଡ଼ ଅଫିସ/ ରଣପୁର,୨୭।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଅବକାରୀ ବିଭାଗର କର୍ମଚାରୀମାନେ ଗୁରୁବାର ସୁନାଖଳା ଓ ବାଉଁଶଗଡ଼ ଅଞ୍ଚଳରେ ଚଢ଼ାଉ କରି କାର ଓ ସ୍କୁଟି ସହ ୩୮ କେଜି ଗଞ୍ଜେଇ ଜବତ କରିଛନ୍ତି । ଏହି ଘଟଣାରେ ୨ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିମରିଗୁଡ଼ା ଗାଁର ମଳୟ ରଞ୍ଜନ ଗୁପ୍ତା(୨୭) ଓ ଜିଉଦୟଗିରି ଥାନା ଲୋଇସିଂହା ଗାଁର ଜୁଇସନ ନାୟକ(୨୮)ଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି ।

ସୂଚନା ଅନୁଯାୟୀ, ଗୁରୁବାର ଭୋର ସମୟରେ ଡିମିରିଗୁଡ଼ା ଗାଁର ମଳୟ ରଞ୍ଜନ ଗୁପ୍ତା ନିଜ କାର (ନଂ.ଓଡି୦୨ ଏବି୦୩୪୮) ଡିକିରେ ୨ବସ୍ତାରେ ଥିବା ୨୮ କେଜି ଗଞ୍ଜେଇ ନେଇ ଭୁବନେଶ୍ୱର ଯାଉଥିଲେ । ଖବର ରଣପୁର ଅବକାରୀ ବିଭାଗର କର୍ମଚାରୀମାନେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସୁନାଖଳା ହିରୋ ଶୋ ରୁମ ପାଖରେ ଅଟକାଇ ଯାଞ୍ଚ କରି ଏହି ଗଞ୍ଜେଇ ଜବତ କରିଥିଲେ। ସେହିପରି ନୂଆଜଗନ୍ନାଥ ସଡ଼କର ବାଉଁଶଗଡ଼ ହାଇସ୍କୁଲ ନିକଟରେ ଏକ ସ୍କୁଟି(ନଂ.ଓଡି୩୩ ଏଜି ୯୨୯୯)ରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ଲୋଇସିଂହା ଗାଁର ଜୁଇସନ ନାୟକ ଲୋଇସିଂହାରୁ ସ୍କୁଟିରେ ଗଞ୍ଜେଇ ନେଇ ଭୁବନେଶ୍ୱର ଯାଉଥିଲେ। ଏନେଇ ଡିମରିଗୁଡା ଗାଁର ମଳୟ ରଞ୍ଜନ ଗୁପ୍ତାଙ୍କ ନାଁରେ ଏକ ମାମଲା(ନଂ.୧୩/୨୩) ଓ ଲୋଇସିଂହା ଗାଁର ଦୁଃଶାସନ ନାୟକଙ୍କ ନାଁରେ ଅନ୍ୟ ଏକ ମାମଲା (ନଂ.୧୪/୨୩) ରୁଜୁ କରି ପୋଲିସ ତଦନ୍ତ କରୁଛି ।

# ଗଛରେ ପିଟି ହେଲେ ହାଇୱା, ଡ୍ରାଇଭର ଗୁରୁତର



ଅଗ୍ନିଶମ କର୍ମଚାରୀମାନେ ଗାଡ଼ି କାଟି ଚାଳକଙ୍କୁ ବାହାରକୁ ଆଣିବାକୁ ଉଦ୍ୟମ କରୁଛନ୍ତି ।

**ଦଶପଲ୍ଲା,୨୭।୪ (ଡି.ଏନ.ଏ.)**

ଦଶପଲ୍ଲା ଥାନା ଅନ୍ତର୍ଗତ ସୁବଳୟା ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଗଛରେ ହାଇୱା ପିଟି ହୋଇ ଡ୍ରାଇଭର ଗୁରୁତର ହୋଇଛନ୍ତି । ସେ ହେଲେ ବାରଙ୍ଗ ବଡମୁଣ୍ଡୁଳୀ ଗ୍ରାମର ସମୀର ନାଥ । ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଏକ ମାଟି ବୋଝେଇ ହାଇୱା ଗାଡ଼ି ୫୭ନଂ. ଜାତୀୟ ରାଜପଥ ଦେଇ ଯାଉଥିଲା ବେଳେ ସୁବଳୟା ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା । ଫଳରେ ଗାଡ଼ି ଭିତରେ ଡ୍ରାଇଭର ଚାପି ହୋଇ ରହିଯାଇଥିଲେ। ଖବର ପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ ପହଞ୍ଚି ଗାଡ଼ିର କିଛି ଅଂଶ କାଟି ଡ୍ରାଇଭରଙ୍କୁ ବାହାରା କରିଥିଲେ। ତୁରନ୍ତ ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ନିରପେକ୍ଷ ଖବର ପରିବେଷଣ ଖବରଦାତାଙ୍କ ଦାୟିତ୍ୱ

## ନୂଆଗାଁ ପ୍ରେସ୍ କ୍ଲବ ପ୍ରଥମ ବାର୍ଷିକ ଉତ୍ସବ

**ନୂଆଗାଁ,୨୭।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପ୍ରେସ୍ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନୟାଗଡ଼ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଣେ ଖବରଦାତା ନିରପେକ୍ଷ ଖବର ପରିବେଷଣ କରିବା ଉଚିତ୍ । ଖବର ପରିବେଷଣରେ ପାତରଅନ୍ତର କିମ୍ବା ମିଛ ଖବର ସମାଜ ପାଇଁ କ୍ଷତିକାରକ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ର, ନୂଆଗାଁ ବ୍ଲକ ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସାମାଜିକ କର୍ମୀ ଦାମୋଦର ସାହୁ, ଗଜେନ୍ଦ୍ର ନାଥ ପ୍ରଧାନ, ଯୁକ୍ତ ୩ ଡିଗ୍ରୀ କଲେଜ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ମାଇଛେଳି ସରପଞ୍ଚଙ୍କ ପ୍ରତିନିଧି ଦାଶରଥି ପ୍ରଧାନ, ନୂଆଗାଁ ଥାନାଧିକାରୀ ପୁଷ୍ପଲତା ବେହେରା, ନୂଆଗାଁ ବ୍ଲକ ଯୋଗାଣ ନୀରିକ୍ଷକ ବି ଶ୍ରୀହର୍ଷ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଲୋକମାନଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗକୁ ସଠିକ ଭାବେ ଯୋଗାଇବାରେ ଲୋକ ପ୍ରିୟତା ହାସଲ କରିଥିବା ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ଯୋଗରେ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିବା ୧୨ ବର୍ଷର ବାଳକ ଜଗବନ୍ଧୁ ସାମନ୍ତରାୟ, ଦୃଷ୍ଟିହୀନମାନଙ୍କୁ ଏକତ୍ର କରି ସଙ୍ଗୀତ କ୍ଷେତ୍ରରେ ଖ୍ୟାତି ଅର୍ଜନ କରାଇଥିବା ସାମାଜିକ କର୍ମୀ ଜିତେନ୍ଦ୍ର ବାହୁକ , ଶିକ୍ଷା ପାଇଁ ଅବସରପ୍ରାପ୍ତ ଶିକ୍ଷକ ଗୋଲଖ ବିହାରୀ ସାହୁ ଓ ଜଣେ ମହିଳା ଜନ ପ୍ରତିନିଧି ହୋଇ ନିସ୍ୱାର୍ଥପର ଭାବେ ସ୍କୁଲକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରୁଥିବାରୁ ଅଶ୍ୱିନୀ ଆଚାର୍ଯ୍ୟଙ୍କୁ ପ୍ରେସ କ୍ଲବ ତରଫରୁ ସମ୍ମାନୀତ କରାଯାଇଥିଲା।




ଯୋଗରେ ଖ୍ୟାତି ଅର୍ଜନ କରିଥିବା ଜଗବନ୍ଧୁ ସାମନ୍ତରାୟଙ୍କୁ ଅତିଥି ସମ୍ମାନୀତ କରୁଛନ୍ତି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବାଶିଷ



@ ଦିବ୍ୟରଞ୍ଜନ



@ ରବୀନ୍ଦ୍ର



@ ରୋମି



@ ସୂର୍ଯ୍ୟନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

